## ସଂକ୍ଷେପରେ

### ହତ୍ୟା ଅଭିଯୋଗରେ ଯୁବକ ଗିରଫ

ରାୟଗଡା ଅଫିସ, ୬।୯-ରାୟଗଡ଼ା ସହର କୋଇଲାପଡ଼ା ଅଞ୍ଚଳରେ ସୋମବାର ମଧ୍ୟାହ୍ନରେ ଜଣେ ମହିଳାଙ୍କୁ ହତ୍ୟା ଅଭିଯୋଗରେ ରାୟଗଡ଼ା ଟାଉନ୍ ଥାନା ପୋଲିସ ପଡ଼ୋଶୀ ଯୁବକ ରାଜେଶ କୁଲେସିକାଙ୍କୁ ଗିରଫ କରିଛି। କୋଇଲାପଡାର ରଇତ କଲୋନୀରେ ରାଜେଶଙ୍କର ଘର। ପୂର୍ବ ଶତ୍ରୁତା କୁ କେନ୍ଦ୍ର କରି ରାଜେଶ ଏପରି କରିଥାଇ ପାରନ୍ତି ବୋଲ ପୋଲିସ କହିଛି। କୋଇଲାପଡାର ଚନ୍ଦ୍ରମା ବିଭାର (୫୦)ଙ୍କୁ ଏକ ଧାରୁଆ ଟାଙ୍ଗିଆରେ ଘରେ କେହି ନ ଥିବା ସୁଯୋଗ ନେଇ ରଜେଶ ହତ୍ୟା କରିଥିବା ପୋଲିସ କହିଛି।

### ପବନରେ ଭାଙ୍ଗିଲା ଇଲେକ୍ଟ୍ରି ଖୁଣ୍ଟି, ଘର

ତେନ୍ତୁଲିଖୁଣ୍ଟି, ୬।୯(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ବ୍ଲକ ଝରିଗୁମ୍ମା ପଞ୍ଚାୟତ କେନ୍ଦୁଗୁଡ଼ା ଗ୍ରାମ ରାସ୍ତାରେ ଥିବା ୨ଟି ଇଲେକ୍ଟ୍ରି ପୋଲ ସୋମବାର ପବନରେ ଭାଙ୍ଗି ଯାଇଛି। ଗ୍ରାମର ଘାସିରାମ ଜାନୀଙ୍କ ଘର ମଧ ପବନରେ ଭାଙ୍ଗି ଯାଇଛି। ଗ୍ରାମ ରାସ୍ତାର ଉଭୟ ପାର୍ଶ୍ଵରେ ଥିବା ଗଛଗୁଡିକ ଭାଙ୍ଗି ଯାଇଛି। ଅଞ୍ଚଳଗୁମ୍ମା ବିଦ୍ୟୁତ୍ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରିବା ପରେ ମଙ୍ଗଳବାର ଯୁଦ୍ଧକାଳୀନ ଭିତ୍ତିରେ ସେଠାରେ ନୂତନ ବିଦ୍ୟୁତ୍ ଖୁଣ୍ଟ ଲଗାଯାଇ ଗ୍ରାହକଙ୍କୁ ସେବା ଯୋଗାଇ ଦଆଯାଇଛି। ଗୋଟିଏ ଦିନରେ ନୂତନ ବିଦ୍ୟୁତ୍ ଖୁଣ୍ଟ ଆଣି ଗ୍ରାମରେ ଲଗାଇଥିବାରୁ କେନ୍ଦୁଗୁଡ଼ା ଗ୍ରାମବାସୀ ସମେତ ଝରିଗୁମ୍ମା ପଞ୍ଚାୟତବାସୀ ବିଦ୍ୟୁତ୍ ବିଭାଗୀୟ ଅଧିକାରୀଙ୍କୁ ଧନ୍ୟବାଦ୍ ଦେଇଛନ୍ତି। ତୁରନ୍ତ ଜଙ୍ଗଲ ବିଭାଗୀୟ ଅଧିକାରୀ, ରାଜସ୍ଵ ବିଭାଗୀୟ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି କ୍ଷୟକ୍ଷତି ଆକଳନ କରି ସହାୟତା ଦେବାକୁ ଦାବି ହୋଇଛି। ରାଜସ୍ଵ ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା କରି କ୍ଷତିଗ୍ରସ୍ତଙ୍କୁ ସହାୟତା ଦିଆଯିବ ବୋଲି ଝରିଗୁମ୍ମା ସରପଞ୍ଚ ମନମୋହନ ଦଳପତି ପ୍ରତିଶ୍ରୁତି ଦେଇଛନ୍ତି।

### ଗଣେଶଙ୍କ ପାଖରେ ୧୦୦୮ ଦୀପଦାନ



ଦୁର୍ଗୀ, ୬।୯(ଡି.ଏନ୍.ଏ.)- ରାୟଗଡ଼ା ଜିଲା ଦୁର୍ଗୀସ୍ଥିତ ପାଇକ ସାହି ଗଣେଶ ପୂଜା କମିଟି ପକ୍ଷରୁ ୧୦୦୮ ଦୀପ ଦାନ କରାଯାଇଥିଲା। ଏଥିରେ ସ୍ଥାନୀୟ ଅଞ୍ଚଳର ଶତାଧିକ ଲୋକ ସାମିଲ ହୋଇ ଦୀପଦାନ କରିଥିଲେ। ଗଣେଶ ଚତୁର୍ଥୀଠାରୁ ପ୍ରତ୍ୟେକ ଦିନ ସାହିରେ ଲୋକଙ୍କୁ ମାଗଣା ଅନ୍ନ ଭୋଜନ ଦିଆଯାଉଛି। ଏଥିସହ ପ୍ରତ୍ୟେକ ଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପିଲାମାନଙ୍କୁ ନେଇ ନୃତ୍ୟ ପରିବେଷଣ କରାଯାଉଛି। ୪୦ ବର୍ଷ ହେବ ପାଇକ ସାହିରେ ଏଭଳି ପୂଜା କରାଯାଉଛି। ଏହି ପୂଜା ଓ ସମସ୍ତ କାର୍ଯ୍ୟକ୍ରମର ନେତୃତ୍ଵ ବିଶ୍ଵଜିତ ମାଦଳା, ଡିଜେ କାନୁ, ଧଳା ଭାଲୁ ପ୍ରମୁଖ ନେଇଛନ୍ତି।

# ରାସ୍ତାର ଉଭୟ ପାଖରେ ପତାକା ଲଗାଇବାକୁ ନିବେଦନ

ଉମରକୋଟ, ୬।୯(ସ୍ଵ.ପ୍ର.)



ବୈଠକରେ ଉମରକୋଟ ପୌରାଧକ୍ଷା, ପୌର ନିର୍ବାହୀ ଅଧିକାରୀ, ବଣିକ ସଂଘ ସଭାପତି ଓ ସଦସ୍ୟମାନେ।

ଆସନ୍ତା ୮ ଓ ୯ ତାରିଖରେ ଆଜାଦୀ କା ଅମୃତ ମହୋତ୍ସବର ଅହିଂସା ରଥ ଉମରକୋଟ ଆସୁଥିବା ବେଳେ ଏହାର ସ୍ଵାଗତ ସମ୍ବର୍ଦ୍ଧନା କିପରି ହେବ ସେ ନେଇ ଏକ ପ୍ରସ୍ତୁତି ବୈଠକ କରାଯାଇଛି। ଉମରକୋଟ ପୌରାଧକ୍ଷା ରାଧା ଭତ୍ରାଙ୍କ କାର୍ଯ୍ୟାଳୟରେ ଆୟୋଜିତ ପ୍ରସ୍ତୁତି ବୈଠକରେ ପୌର ନିର୍ବାହୀ ଅଧିକାରୀ ରାମଚନ୍ଦ୍ର ମାଝି ଅଧକ୍ଷତା କରିଥିଲେ। ଏଥିରେ ଉମରକୋଟ ବିଡିଓ ଡ. ହିମାଞ୍ଚଳ ମାଝି, ପୌରାଧକ୍ଷା ରାଧା ଭତ୍ରା, ବଣିକ ସଂଘ ସଭାପତି ଦ୍ଵାରିକାନାଥ ପାଣିଗ୍ରାହୀ, ରଞ୍ଜନ ପ୍ରଧାନ, ସନ୍ତୋଷ ଶତପଥୀ, ମନୋଜ କୁମାର ଧଳ ପ୍ରମୁଖ ଉପସ୍ଥିତ ଥିଲେ। ଡିଏନ୍‌କେରୁ ଗଜପତି ଛକ ପର୍ଯ୍ୟନ୍ତ ମୁଖ୍ୟ ରାସ୍ତାରେ ପଡୁଥିବା ପ୍ରତ୍ୟେକ ବ୍ୟାବସାୟିକ ପ୍ରତିଷ୍ଠାନରେ ପତାକା ଲଗାଇବା ସହ ବ୍ୟବସାୟୀମାନେ ଅହିଂସା ରଥକୁ ସ୍ଵାଗତ କରନ୍ତୁ ବୋଲି ବଣିକ ସଂଘ ସଭାପତିଙ୍କ ମାଧମରେ ନିର୍ବାହୀ ଅଧିକାରୀ ବ୍ୟବସାୟୀଙ୍କୁ ଅନୁରୋଧ କରିଛନ୍ତି।

ଅହିଂସା ରଥକୁ ୮ ତାରିଖରେ ବ୍ଲକ ପ୍ରଶାସନ ପକ୍ଷରୁ ଧୋଡ୍ରା ନିକଟରୁ ସ୍ଵାଗତ କରାଯିବ। ବଡ଼ଭରଣ୍ଡିରେ ଥିବା ଶହୀଦ ସ୍ତମ୍ଭରେ ପୁଷ୍ପମାଲ୍ୟ ଅର୍ପଣ କରାଯିବା ସହ ଶହୀଦ ପରିବାରଙ୍କୁ ସମ୍ବର୍ଦ୍ଧନା ଦିଆଯିବ। ପରେ ରଥକୁ ଏକ ଶୋଭାଯାତ୍ରାରେ ଉମରକୋଟ ଅଣାଯିବ। ଡିଏନ୍‌କେ ଡାକବଙ୍ଗଳା ନିକଟକୁ ଆସିବା ପରେ ସେଠାରେ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯିବ। ଡିଏନ୍‌କେ ଛକରୁ ଏକ ବିରାଟ ଶୋଭାଯାତ୍ରାରେ ଅହିଂସା ରଥ ଉମରକୋଟ ବ୍ଲକ କାର୍ଯ୍ୟାଳୟକୁ ଆସିବ। କିଛି ସମୟ ପରେ ଉକ୍ତ ରଥ ସ୍ଵାଧୀନତା ସଂଗ୍ରାମୀ ରବି ସିଂ

**ଅହିଂସା ରଥକୁ ସ୍ଵାଗତ କରିବା ନେଇ ପ୍ରସ୍ତୁତି ବୈଠକ**

ମାଝିଙ୍କ ପୈତୃକ ବାସଭବନ ବାଟିବେଡ଼ା ଗ୍ରାମକୁ ଯିବ। ବାଟରେ ଅଧିକାରୀଗୁଡ଼ାରେ ଅହିଂସା ରଥକୁ ଗ୍ରାମବାସୀଙ୍କ ପକ୍ଷରୁ ସ୍ଵାଗତ କରାଯିବ। ବାଟିବେଡ଼ାରେ ରବି ସିଂ ମାଝିଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ସେଠାରେ ତାଙ୍କ ପରିବାରକୁ ସମ୍ବର୍ଦ୍ଧିତ କରାଯିବ। ସେଠାରୁ ରଥ ଭାମିନି ଯିବ। ଭାମିନି ପରେ ଅହିଂସା ରଥ ଉମରକୋଟ ବ୍ଲକ କାର୍ଯ୍ୟାଳୟକୁ ଫେରିବ। ସନ୍ଧ୍ୟାରେ ବିଭିନ୍ନ ସ୍କୁଲ ପିଲାଙ୍କୁ ନେଇ ଦେଶାତ୍ମବୋଧ ସଙ୍ଗୀତ ପରିବେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ୯ ତାରିଖ ସକାଳେ ପୌର ପରିଷଦ ପକ୍ଷରୁ ଅହିଂସା ରଥକୁ ବିରାଟ ଶୋଭାଯାତ୍ରାରେ ନିଆଯିବ। ପରେ ଉମରକୋଟସ୍ଥିତ ଶହୀଦ ରବି ସିଂ ମାଝିଙ୍କ ପ୍ରତିମୂର୍ତ୍ତିରେ ଓ ପରେ ଗାନ୍ଧୀ ଛକରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯିବ। ଏହାପରେ ଅହିଂସା ରଥ ରାଇଘର ଅଭିମୁଖେ ଯାତ୍ରା କରିବା କାର୍ଯ୍ୟକ୍ରମ ରହିଛି।

# ୨ ହାଇସ୍କୁଲର ପ୍ରଧାନଶିକ୍ଷକଙ୍କ ସମେତ ସମସ୍ତ କର୍ମଚାରୀଙ୍କ ଦରମା ବନ୍ଦ

ନବରଙ୍ଗପୁର,୬।୯(ବି.ପ୍ର.)

ନବରଙ୍ଗପୁର ଜିଲାଶିକ୍ଷାଧିକାରୀ ପ୍ରଦୀପ କୁମାର ନାଗ ମଙ୍ଗଳବାର ୨ହାଇସ୍କୁଲର ପ୍ରଧାନ ଶିକ୍ଷକଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଓ କର୍ମଚାରୀଙ୍କ ଦରମା ବନ୍ଦ କରିଛନ୍ତି। ଜିଲାର ସମସ୍ତ ବ୍ଲକ ସଦର ମହକୁମା ହାଇସ୍କୁଲରେ ମଙ୍ଗଳବାର ଏନ୍‌ଆର ଟିଏସ୍ (ନ୍ୟାସନାଲ ରୁରାଲ ଟାଲେଣ୍ଟ ସ୍କଲାରସିପି) ପରୀକ୍ଷା ପୂର୍ବାହ୍ନ ୧୦ରୁ ମଧ୍ୟାହ୍ନ ୧୨ ପର୍ଯ୍ୟନ୍ତ ରହିଥିଲା। ପାପଡାହାଣ୍ଡି ବ୍ଲକ ସରକାରୀ ଲାଲ ବାହାଦୁର ହାଇସ୍କୁଲରେ ପରୀକ୍ଷା ପରେ ପ୍ରଧାନ ଶିକ୍ଷକ ସମେତ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀ କେହି ନଥିଲେ। ବିଦ୍ୟାଳୟରେ ତାଲା ପଡିରହିଥିଲା। ଜିଲା ଶିକ୍ଷା ଅଧିକାରୀ ପରିଦର୍ଶନରେ ଯିବା ସମୟରେ ତାଲା ପଡିଥିବା ଦେଖିଥିଲେ। ଏନେଇ ପ୍ରଧାନ ଶିକ୍ଷକ ସମେତ ବିଦ୍ୟାଳୟର ୧୧ଜଣଙ୍କ ଦରମା ବନ୍ଦ କରାଯାଇଛି। ମୈଦଲପୁର ସରକାରୀ ଉଚ୍ଚ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଉପସ୍ଥାପନ ଅତି କମ ସହ ଅବ୍ୟବସ୍ଥା ଦେଖି ଡିଇଓ ବିଗିଡି ଥିଲେ। ଏନେଇ ପ୍ରଧାନ ଶିକ୍ଷକଙ୍କ ସମେତ ବିଦ୍ୟାଳୟର ୯ ଜଣ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଦରମା ବନ୍ଦ କରା ଯାଇଥିବା ଜିଲା ଶିକ୍ଷା ଅଧିକାରୀ ସୂଚନା ଦେଇଛନ୍ତି।

# ଯୁକ୍ତ ୨କଳା ଗୁଡ଼ାରୀ କଲେଜ ଟପ୍ପରଙ୍କୁ ସମ୍ବର୍ଦ୍ଧନା



ପ୍ରିୟଦର୍ଶନୀ ଗରଡ଼ିଆଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

ଗୁଡ଼ାରୀ, ୬।୯(ଡି.ଏନ୍.ଏ.)

ଗୁଡ଼ାରୀ ବ୍ଲକ ଅନ୍ତର୍ଗତ ମେଟୁଖିଲିଗିରାଇସ୍ଥିତ ଡକ୍ଟର ଗିରିଧର ହାଇସ୍କୁଲରେ ଗୁରୁ ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ମେଟୁଖିଲିଗିରାଇ ସରପଞ୍ଚ ତୈୟାରଗ୍ରାସମୀ ଶବର ଏବଂ ନିମନ୍ତ୍ରିତ ଅତିଥିଭାବେ ଗୁଡ଼ାରୀ ବ୍ଲକ ଏବିଇଓ କବିବର ପ୍ରଧାନ ଯୋଗ ଦେଇଥିଲେ। ଗୁରୁ ବନ୍ଦନା ଓ ଗୁରୁ ପୂଜନ ପରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରକାର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତି ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ ଗୁଡ଼ାରୀ କଲେଜରେ ଚଳିତ ବର୍ଷ ଯୁକ୍ତ ଦୁଇ କଳାରେ କଲେଜ ଟପ୍ପର ହୋଇଥିବା ଏହି ସ୍କୁଲର ପୁରାତନ ଛାତ୍ରୀ ପ୍ରିୟଦର୍ଶନୀ ଗରଡ଼ିଆଙ୍କୁ ଅତିଥି ପୁରସ୍କୃତ କରିଛନ୍ତି। ଗୁରୁ ଦିବସରେ ନିଜ ବିଦ୍ୟାଳୟରେ ସମ୍ମାନିତ ହେବା ମୋ ପାଇଁ ସୌଭାଗ୍ୟର ବିଷୟ ବୋଲି ପ୍ରିୟଦର୍ଶନୀ କହିଥିଲେ। ହାଇସ୍କୁଲ ପ୍ରଧାନ ଶିକ୍ଷକ ଭଗବାନ ଡୁଳଙ୍କ ପ୍ରତ୍ୟେକ୍ଷ ତତ୍ତ୍ଵାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ଫସଲ, ରୋଗ ଦାଉରୁ ସୁରକ୍ଷା ପାଇଁ ପୂଜା

ଟିକିରି, ୬।୯(ଡି.ଏନ୍.ଏ.)

**ଆଦିବାସୀଙ୍କ ଜନାସାରଣୀ ପୂଜା**

- ମାଟିରେ ତିଆରି ହୁଏ ରାକ୍ଷସ ପ୍ରତିମୂର୍ତ୍ତି
- ପ୍ରତିମୂର୍ତ୍ତି ନିକଟରେ ଭୋଗ ହୁଏ ନୂଆ ମକା

ପ୍ରକୃତି ଓ ପରମ୍ପରାର ଉପାସକ ହେଲେ ଆଦିମ ଆଦିବାସୀ। ଭିନ୍ନ ଭିନ୍ନ ଋତୁରେ ବିଭିନ୍ନ ପୂଜା ପାଳନ କରିଥାନ୍ତି। ଚଇତି ପର୍ବ, ମାଣ୍ଡିଆରାଣୀ, ନୂଆଁଖାଇ ଆଦି ପର୍ବ ପାଳନ କରିଥାନ୍ତି ସେମାନେ। ଏବେ ରାୟଗଡ଼ା ଜିଲା କାଶୀପୁର ବ୍ଲକ ଅନ୍ତର୍ଗତ ବିଭିନ୍ନ ଗ୍ରାମରେ ଆଦିବାସୀଙ୍କ ଜନାସାରଣୀ ବା ମକାପୂଜା ଅନୁଷ୍ଠିତ ହୋଇଛି। ଟିକିରି, ମକାପଦର, ସେମିଳିଗୁଡା, ଜାମଗୁଡା, ସଗୀଗୁଡା, ମଇଲିଗୁଡା ଆଦି ଗ୍ରାମରେ ଆଦିବାସୀମାନେ ଏହି ପୂଜା କରିଛନ୍ତି। ନିଜ ନିଜ ଗ୍ରାମ ବେଜେଣୀମାନେ ନଡ଼ିଆ, କଦଳୀ, କୁକୁଡ଼ା, ପାରା ଆଦି ବଳି ଦେଇ ମାଟି ମାଆକୁ ପୂଜା କରିଥିଲେ। ଏଥିସହିତ ମାଟିରେ ଏକ ରାକ୍ଷସ ପ୍ରତିମୂର୍ତ୍ତି ତିଆରି କରିଥିଲେ। ଗ୍ରାମର ପ୍ରତ୍ୟେକ



ମାଟିରେ ତିଆରି ରାକ୍ଷସ ପ୍ରତିମୂର୍ତ୍ତି।

ପରିବାର ନିଜ ଜମିରେ ଉତ୍ପାଦିତ ମକା ନେଇ ରାକ୍ଷସଙ୍କଠାରେ ସମର୍ପଣ କରି ପୂଜାର୍ଚ୍ଚନା କରିଥିଲେ। ପରେ ଆଦିବାସୀମାନେ ଏହାକୁ ନୂଆ ଭାବେ ଖାଇଥିଲେ। ଆଦିବାସୀ ପରମ୍ପରାରେ ଏହାକୁ କୃଷିଭିତ୍ତିକ ପୂଜାଭାବେ ପାଳନ କରାଯାଏ। ଫସଲ ଅମଳ ପୂର୍ବରୁ ଏହି ପୂଜା ଆଦିବାସୀ ଅଧ୍ୟୁଷିତ କାଶୀପୁର ବ୍ଲକରେ ପାଳନ କରାଯାଇଥାଏ। ଏହି ପୂଜା ପାଳନ କଲେ ଫସଲ ରୋଗଦାଉରୁ ରକ୍ଷା ପାଇବା ସହ ଗାଁ ରୋଗ ବୈରାଗରୁ ଦୂରରେ ରହିଥାଏ ବୋଲି ସେମାନଙ୍କ ବିଶ୍ଵାସ। ଏହି ପୂଜା ମାଧ୍ୟମରେ ନିଜ ଇଷ୍ଟଦେବୀ ଓ ଅଦୃଶ୍ୟ ଶକ୍ତିଙ୍କ ଉପାସନା କରାଯାଇଥାଏ।

# ପଦ୍ମପୁରରେ ନୂତନ ଥାନାଧିକାରୀ



ପଦ୍ମପୁର, ୬।୯(ଡି.ଏନ୍.ଏ.)

ରାୟଗଡ଼ା ଜିଲା ପଦ୍ମପୁର ଥାନାଧିକାରୀଭାବେ ସୌଦାମିନୀ ବେହେରା ଦାୟିତ୍ଵ ଗ୍ରହଣ କରିଛନ୍ତି। ସେ ଏହା ପୂର୍ବରୁ ରାୟଗଡ଼ା ଜିଲା ମୁଖ୍ୟ ପୋଲିସ ଥାନାରେ କାର୍ଯ୍ୟ କରୁଥିଲେ। ପୂର୍ବତନ ଥାନାଧିକାରୀ ସୁଶାନ୍ତ କୁମାର ତାଉଡିଆଙ୍କୁ ଜିଲା ମୁଖ୍ୟ ପୋଲିସ ଥାନାକୁ ପଠାଯାଇଥିବା ଜଣାପଡିଛି। ଆଗକୁ ପାର୍ବଣ ଋତୁ ଆରମ୍ଭ ହେଉଥିବାରୁ ଶାନ୍ତି ଶୃଙ୍ଖଳା ଯେଭଳି ବଜାୟ ରହିବ ତା ଉପରେ ଦୃଷ୍ଟି ଦିଆଯିବା ସହ ରାତ୍ରୀକାଳିନ ପାଟ୍ରୋଲିଂକୁ କଡାକଡି କରାଯିବ। ଏଥିସହ ସହ ଅସାମାଜିକ କାର୍ଯ୍ୟକଳାପକୁ ଦୃଢ଼ ହସ୍ତରେ ଦମନ କରାଯିବ ବୋଲି ସେ କହିଛନ୍ତି।

### ଟ୍ରାକ୍ଟର ସହ ଡ୍ରାଇଭର ଅଟକ

କୋଡ଼ିଙ୍ଗା, ୬।୯(ଡି.ଏନ୍.ଏ.)

କୋଡ଼ିଙ୍ଗା ପୋଲିସ ଡଙ୍ଗରା ଗ୍ରାମରୁ ଏକ ଲୁହା ଛଡ଼ ବୋଝେଇ ଟ୍ରାକ୍ଟର ଜବତ କରିଛି। କୋଡ଼ିଙ୍ଗା ଥାନା କେଶ ନଂ ୧୩୩/୨୨ରେ ଏକ ମାମଲା ରୁଜୁକରିଟ୍ରାକ୍ଟର ସହ ଡ୍ରାଇଭରଙ୍କୁ ଅଟକ ରଖି ପୋଲିସ ତଦନ୍ତ ଚଳାଇଛି। ଜବତ ହୋଇଥିବା ଲୁହା ଛଡ଼ ପାଞ୍ଚ କୁଇଣ୍ଟାଲରୁ ଅଧିକ ବୋଲି ପୋଲିସ ସୂଚନା ଦେଇଛି। ପ୍ରକାଶ ଯେ, ରାୟପୁର-ବିଶାଖାପାଟଣା ଭାରତମାଳା ପ୍ରକଳ୍ପରେ ଡଙ୍ଗରା ନିକଟସ୍ଥ ଝୁଙ୍ଗିଗୁଡାରେ ନିର୍ମାଣଧୀନ ବ୍ରିଜରୁ ଲୁହା ଛଡ଼ ଚୋରି ହେଉଥିଲା। ଠିକା ସଂସ୍ଥା ଏହା ଜାଣିବାପରେ କୋଡ଼ିଙ୍ଗା ପୋଲିସକୁ ଜଣାଇଥିଲା।

# ଡିଏଲ୍ଏସ୍‌ର ଆଇନ ସଚେତନତା ଶିବିର




ଅତିଥିମାନେ ଆଇନର ବିଭିନ୍ନ ଦିଗ ଉପରେ ଛାତ୍ରୀଛାତ୍ରଙ୍କୁ ବୁଝାଉଛନ୍ତି।

ନବରଙ୍ଗପୁର,୬।୯(ବି.ପ୍ର.)

ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ହିର୍ଲିସ୍ଥିତ ଏକଲବ୍ୟ ମଡେଲ ଆବାସିକ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ନେଇ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ଏସିଡ୍ ଆକ୍ରମଣର ଶିକାର ହୋଇଥିବା ଲୋକଙ୍କୁ ଆଇନ ସେବା ଯୋଜନା ୨୦୧୬ ଏବଂ ଭାରତୀୟ ଦଣ୍ଡସଂହିତା, ପୀଡ଼ିତା କ୍ଷତିପୂରଣ ଯୋଜନା ୨୦୧୭ର ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରଯାଇଛି। ନବରଙ୍ଗପୁର ଜିଲା ଆଇନ ସେବା ପ୍ରାଧିକରଣ (ଡିଏଲ୍ଏସ୍) ଅଧକ୍ଷ ତଥା ଜିଲା ଦୌରାଜଜ୍ ସଂଜୀବ ଦୁବେଙ୍କ ନିର୍ଦ୍ଦେଶକ୍ରମେ ଆୟୋଜିତ ଏହି ସଚେତନତା କାର୍ଯ୍ୟକ୍ରମରେ ଡିଏଲ୍ଏସ୍ ସଚିବ ଜନକ ରାଉତ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଆରକ୍ଷୀ ଅଧିକାରୀ ଚନ୍ଦ୍ରଶେଖର ହୋତା, ଆଇନଜୀବୀ ରାଜକିଶୋର ନାଗ, ସାମାଜିକ କର୍ମୀ ମନୋରମା ମାଝି ଓ ବିଧାଳୟ ଅଧକ୍ଷ ଅଜିତ ରଞ୍ଜନ ମାଳୀ ଛାତ୍ରୀଛାତ୍ର ପ୍ରମୁଖ ଯୋଗଦେଇଥିଲେ। ସଭା ଶେଷରେ ମଣିକାମନ୍ୟ ଆଚାର୍ଯ୍ୟ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମ ନବରଙ୍ଗପୁର ଡିଏଲ୍ଏସ୍ ପକ୍ଷରୁ ପରିଚାଳନା କରାଯାଇଥିଲା।

# ଡିଏମ୍ଏଫ୍ ଫଣ୍ଡର ଦୁରୁପଯୋଗ ନେଇ ଭାଜପାର ଅଭିଯୋଗ

ରାୟଗଡ଼ା ଅଫିସ, ୬।୯

**ଖବରଦାତା ସମ୍ମିଳନୀରେ ବିଜେଡିକୁ ଟାର୍ଗେଟ୍ କଲା ଭାଜପା ଯୁବ ମୋର୍ଚ୍ଚା**

ରାୟଗଡ଼ାସ୍ଥିତ ଦଳୀୟ କାର୍ଯ୍ୟାଳୟରେ ମଙ୍ଗଳବାର ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ସରକାରଙ୍କୁ ୨୨ଟି ପ୍ରଶ୍ନ କରାଯାଇଛି। ପ୍ରଧାନମନ୍ତ୍ରୀ ଆବାସରେ ହଜାର କୋଟି ଟଙ୍କାର ମହାଦୁର୍ନୀତି, ସହରାଞ୍ଚଳରେ ଭୂମିହୀନଙ୍କୁ ଜମିପଟ୍ଟା ଆବଣ୍ଟନର ପ୍ରହସନ, ବିଫଳ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଯୋଜନା ସହ ସୀମାବର୍ତ୍ତୀ ଅଞ୍ଚଳ ସୁରକ୍ଷା, ନଦୀ ସୁରକ୍ଷା ଓ ବନ୍ୟା ପରିଚାଳନାରେ ଅବ୍ୟବସ୍ଥା, ଅପପୁଷ୍ଟି ଓ ଶିଶୁ ମୃତ୍ୟୁ, ଦାରିଦ୍ର୍ୟ ସୀମାରେଖା ତଳେ ଓଡ଼ିଶା, ସ୍ଵାସ୍ଥ୍ୟାବସ୍ଥାର ଦୁରବସ୍ଥା, ମହିଳା ଓ ଶିଶୁ ସୁରକ୍ଷା, ଚାଷୀ ସମସ୍ୟା ଓ କୃଷିରେ ଅବ୍ୟବସ୍ଥା, ଓଡ଼ିଶାରେ ଉତ୍କଟ ବେରୋଜଗାରି ସମସ୍ୟା, ଏମ୍‌ଜିଏନ୍‌ଆରଇଜିଏସ୍‌ରେ ବ୍ୟାପକ ଦୁର୍ନୀତି, ବିଜୁ ଯୁବ ବାହିନୀ, ପିଠା ଯୋଜନାର ବିଫଳତାକୁ ନେଇ ବିଜେଡି ସରକାର ଜବାବ ଦିଅନ୍ତୁ ବୋଲି ରାୟଗଡ଼ା ଜିଲା ଭାଜପା ଯୁବମୋର୍ଚ୍ଚା ସଭାପତି ନୀଳାଦ୍ରି ବିହାରୀ ପାତ୍ର ପ୍ରଶ୍ନ କରିଥିଲେ। ଶିଳ୍ପ ସମୃଦ୍ଧ ରାୟଗଡ଼ା ଜିଲାରେ ଡିଏମ୍ଏଫ୍ ଫଣ୍ଡର ଦୁରୁପଯୋଗ ହେଉଥିବା ବେଳେ ମେକ୍ ଇନ୍ ଓଡ଼ିଶା ବିଫଳ ଓ ରାଜ୍ୟରେ ବନ୍ୟପ୍ରାଣୀ ସୁରକ୍ଷା ଓ ବନ୍ୟପ୍ରାଣୀ ଅଙ୍ଗ ତସ୍କରୀ ଏକ ବଡ଼ ସମସ୍ୟା ଭାବେ ଉଭା ହୋଇଛି ବୋଲି ସେ କହିଛନ୍ତି।




# ବିନା ଡରରେ ଚକ୍ଷୁଦାନ କରିବାକୁ ଆହ୍ଵାନ

ନବରଙ୍ଗପୁର,୬।୯(ବି.ପ୍ର.)

୩୭ ତମ ଜାତୀୟ ଚକ୍ଷୁଦାନ ପକ୍ଷ ଅଗଷ୍ଟ ୨୫ରୁ ସେପ୍ଟେମ୍ବର ୮ ପର୍ଯ୍ୟନ୍ତ ଚାଲିଛି। ଏନେଇ ନବରଙ୍ଗପୁର ଜିଲା ସ୍ଵାସ୍ଥ୍ୟ ସମିତି ପକ୍ଷରୁ ଜିଲା ମୁଖ୍ୟ ଚିକିତ୍ସାଳୟ ସଭାଗୃହରେ ପକ୍ଷ ପାଳନ ସମ୍ପର୍କରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଜିଲା ଚିକିତ୍ସାଧିକାରୀ ଡା. କାହ୍ନୁଚରଣ ପାତ୍ରଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଜାତୀୟ ସ୍ଵାସ୍ଥ୍ୟ ମିଶନ ଜିଲା ପ୍ରୋଗ୍ରାମ ମ୍ୟାନେଜର ସୁଶାନ୍ତ କୁମାର ପ୍ରହରାଜ ଅତିଥି ପରିଚୟ ସହ ଜାତୀୟ ଚକ୍ଷୁଦାନ ପକ୍ଷର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲା କୁଷ୍ଠ ନିରାକରଣ ଅଧିକାରୀ ଡା. ସୁକାନ୍ତ କୁମାର ଶତପଥୀ ଚକ୍ଷୁ ପ୍ରତିରୋପଣ, ଚକ୍ଷୁରୋଗର କାରଣ ଓ ନିରାକରଣ ସମ୍ପର୍କରେ ଆଲୋକପାତ କରିଥିଲେ। ଚକ୍ଷୁ ବିଭାଗର ନିହାର ରଞ୍ଜନ ବେହେରା ଚକ୍ଷୁ ରୋଗର ନିରାକରଣ, କିଭଳି ଚକ୍ଷୁକୁ ସୁସ୍ଥ ରଖିବା ସେ ନେଇ ବିସ୍ତୃତ ଭାବରେ ବୁଝାଇଥିଲେ। ବିନା ଭୟରେ ଚକ୍ଷୁଦାନ କରାଯାଇପାରିବ ବୋଲି ସେ କହିଥିଲେ। ଆଗାମୀ ଦିନରେ ମୋତିଆବିନ୍ଦୁ ଅସ୍ତ୍ରୋପଚାର ଅଧିକରୁ ଅଧିକ ଜିଲାରେ କିଭଳି ହୋଇପାରିବ ସେନେଇ ବରିଷ୍ଠ ନାଗରିକ ରାଧାନାଥ ବେହେରା ପ୍ରସ୍ତାବ ଦେଇଥିଲେ। ଅନୁଷ୍ଠିତ ବୈଠକରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ସ୍ଵାସ୍ଥ୍ୟ ବିଭାଗ କର୍ମଚାରୀ, ମହିଳା ସ୍ଵାସ୍ଥ୍ୟ କର୍ମୀ, ଜିଏନ୍ଏମ୍ ଛାତ୍ରୀ, ନବରଙ୍ଗପୁର ମହାବିଦ୍ୟାଳୟର ଏନ୍‌ସିସି ଅଧିକାରୀ, ଜୁନାଗଡ଼ର ଲେପ୍ରସି ବିଭାଗ କର୍ମଚାରୀ, ଅଗ୍ନିଶମ କର୍ମଚାରୀ ଓ ବରିଷ୍ଠ ନାଗରିକ ପ୍ରମୁଖ ଯୋଗ ଦେଇଥିଲେ।




ବୈଠକରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

# 'ଚେଷ୍ଟା, ଆଗ୍ରହ ଦ୍ଵାରା ହିଁ ଆମେ ସଫଳତା ପାଇବା'

ନବରଙ୍ଗପୁର,୬।୯ (ବି.ପ୍ର.)

**ବୁନିୟାଦୀ ଶିକ୍ଷା ଅଭିଯାନ, ୟୁଥ୍ ଫର୍ ନବରଙ୍ଗପୁର ଅଭିଯାନର ଶୁଭାରମ୍ଭ**

ନବରଙ୍ଗପୁର ଜିଲାରେ ମଙ୍ଗଳବାର ଜିଲା ପଞ୍ଚାୟତ ସାଧନା କେନ୍ଦ୍ରରେ ବୁନିୟାଦୀ ଶିକ୍ଷା ଅଭିଯାନ ଓ ୟୁଥ୍ ଫର୍ ନବରଙ୍ଗପୁର ଅଭିଯାନର ଉଦ୍‌ଘାଟନ ହୋଇଛି। ଜିଲାପାଳ କମଳ ଲୋଚନ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ମୁଖ୍ୟ ନିର୍ବାହୀ ଅଧିକାରୀ ଜିଲା ପରିଷଦ ରତ୍ନାକର ସାହୁ, ଅତିରିକ୍ତ ଜିଲା ଆରକ୍ଷୀ ଅଧୀକ୍ଷକ ଜୟକୃଷ୍ଣ ବେହେରା, ଡିଇଓ ପ୍ରଦୀପ କୁମାର ନାଗ, ଜିଲା ସମାଜ କଲ୍ୟାଣ ଅଧିକାରୀ ସ୍ଵର୍ଣ୍ଣଲତା ବିଶ୍ଵାସ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର, ଜିଲା ନିୟୋଜନ ଅଧିକାରୀ, ସମସ୍ତ ବ୍ଲକ ଶିକ୍ଷା ଅଧିକାରୀ, ସହ ବ୍ଲକ ଶିକ୍ଷା ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଅଭିଜ୍ଞତା ଏବଂ ନବସୃଜନ ସହିତ ଶିକ୍ଷାର ମୂଳଦୁଆକୁ କିପରି ସୁଦୃଢ଼ କରାଯାଇପାରିବ ସେ ସମ୍ପର୍କରେ ମନ୍ତବ୍ୟ ରଖିଥିଲେ। ଅନବରତ ଚେଷ୍ଟା ଓ ଆଗ୍ରହ ଦ୍ଵାରା ହିଁ ଆମେ ସଫଳତା ହାସଲ କରିପାରିବା ବୋଲି ଡିଇଓ କହି ସମସ୍ତ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଆହ୍ଵାନ କରିଥିଲେ। ବୁନିୟାହୀ ଆଦି ଶିକ୍ଷା ଅଭିଯାନ ସହ ଆଉ ଏକ କାର୍ଯ୍ୟକ୍ରମ ୟୁଥ ଫର୍ ନବରଙ୍ଗପୁର ମଧ ଉଦ୍‌ଘାଟନ କରାଯାଇଅଛି। ଏହା ସମ୍ପୂର୍ଣ୍ଣ ଭାବେ ଯୁବସମାଜକୁ ଜିଲାର ବିକାଶ ପଥେ ଆହ୍ଵାନ କରୁଛି। ଯୁବସମାଜ ମଧ୍ୟରେ କିପରି ସମାଜ ସେବା ଭାବନାକୁ ପ୍ରସ୍ଫୁଟିତ କରାଯାଇପାରିବ ସେ ସମ୍ପର୍କରେ ମୁଖ୍ୟ ଉନ୍ନୟନ ଅଧିକାରୀ ନିଜର ମନ୍ତବ୍ୟ ରଖିଥିଲେ। ସମାଜରେ ହେଉଥିବା ପରିବର୍ତ୍ତନ ସହ କେମିତି ଏକ ବିକାଶ, ଉନ୍ନତି ଚିନ୍ତାଧାରା ସହ ଆଗକୁ ବଢ଼ିବେ ସେ ସମ୍ପର୍କରେ ଉପସ୍ଥିତ ଜିଲାସ୍ତରୀୟ ଅଧିକାରୀ ଆଲୋକପାତ କରିଥିଲେ। ଏହି ଦୁଇଗୋଟି ଅଭିଯାନର ସଫଳତା କାମନା କରି ଜିଲାପାଳ ଡ. ମିଶ୍ର ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏଥିରେ ପିରାମଲ ଫାଉଣ୍ଡେଶନ ପ୍ରୋଗ୍ରାମ ଲିଡର ଗୌରବ, ସ୍ଵରୂପା, ଗାନ୍ଧୀ ଫେଲୋର ଶୁଭସ୍ମିତା, ସୁଭାଷିନୀ ପ୍ରମୁଖ ଉପସ୍ଥିତ ଥିଲେ।




ଅତିଥିମାନେ କାର୍ଯ୍ୟକ୍ରମ ଶୁଭାରମ୍ଭ କରୁଛନ୍ତି।

## ସଂକ୍ଷେପରେ

### ବେକରେ ଗାମୁଛା ଲଗାଇ ଯୁବକଙ୍କ ଆତ୍ମହତ୍ୟା

ବ୍ରହ୍ମପୁର ଅଫିସ,୬।୯: ବ୍ରହ୍ମପୁର ଗୋଶାଣୀନୂଆଗାଁ ଥାନା ଅନ୍ତର୍ଗତ ନୀଳକଣ୍ଠେଶ୍ୱର ମନ୍ଦିର ପାର୍ଶ୍ୱରେ ଥିବା ଜଣେ ଯୁବକ ମଙ୍ଗଳବାର ସକାଳେ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ଯୁବକ ଜଣଙ୍କ ବେକରେ ଗାମୁଛା ଲଗାଇ ଘର ବାରିପଟେ ଥିବା ଏକ ଫ୍ୟାନରେ ଝୁଲିଥିବା ଦେଖି ଘର ଲୋକ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚିବା ବେଳକୁ ଯୁବକ ଜଣଙ୍କର ମୃତ୍ୟୁ ହୋଇ ସାରିଥିଲା। ଯୁବକଙ୍କ ବେକରୁ ଗାମୁଛା ବାହାର କରିବା ପରେ ମୃତଦେହ ଜବତ କରିଛି। ମୃତ ଯୁବକ ଜଣଙ୍କ ରାକେଶ ରାଉଳ(୨୪)। ପୋଲିସ ନଂ.୧୨/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି। ବ୍ୟବଚ୍ଛେଦ ପରେ ମୃତଦେହ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ପୋଲିସ କହିଛି। ପୂର୍ବରୁ ୨୦୨୦ରେ ତାଙ୍କ ବାପା ଭାଗୀରଥି ରାଉଳ ମଧ ଆତ୍ମହତ୍ୟା କରିଥିଲେ। ଯୁବକ ଜଣଙ୍କ କୌଣସି ମାନସିକ ଅଶାନ୍ତିରୁ ଚାପଗ୍ରସ୍ତ ହୋଇ ଏଭଳି ଆତ୍ମହତ୍ୟା କରିଥିବା ପୋଲିସ ପ୍ରାଥମିକ ଅନୁସନ୍ଧାନରୁ ସନ୍ଦେହ କରୁଛି।

### ଗଣେଶମୂର୍ତ୍ତି ଭସାଣି ବେଳେ ଆକ୍ରମଣ, ୩ ଗିରଫ

ବ୍ରହ୍ମପୁର ଅଫିସ,୬।୯: ଗଣେଶ ମୂର୍ତ୍ତି ଭଷାଣି ବେଳେ ଜଣେ ବ୍ୟକ୍ତିଙ୍କୁ ସୋମବାର ଆକ୍ରମଣ ଘଟଣାରେ ବ୍ରହ୍ମପୁର ସଦର ଥାନା ପୋଲିସ ୩ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଖାରବେଳ ନଗରର ରାକେଶ ବେହେରା(୨୩), ଲୋଚାପଡ଼ା ବ୍ରଜନଗରର ଲୋକେଶ ନାୟକ(୨୮) ଓ ଗୋଳନ୍ଥରା ଥାନା ଅନ୍ତର୍ଗତ ହଳଦିଆପଦରର ସୌମ୍ୟରଞ୍ଜନ ପଟ୍ଟନାୟକ (୨୧)। ମାମଲା ନମ୍ବର ୪୦୮/୨୨ ରେ ଉକ୍ତ ଅଭିଯୁକ୍ତମାନଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି। ଘଟଣାରେ ବ୍ୟବହୃତ ଲୁହାଛଡ଼ ଜବତ ହୋଇଛି। ପ୍ରକାଶ ଯେ, ଗେଟବଜାର ଭବାନୀନଗରର କେତେକ ଯୁବକ ଗଣେଶ ମୂର୍ତ୍ତି ଭଷାଣି ପାଇଁ ଡିଜେ ବାଜା ସହିତ ଝାଡ଼ାଙ୍କୁଲି ନିକଟ ଏକ ପୋଖରୀକୁ ଯାଇଥିଲେ। ଡିଜେ ବଜାଉଥିବା ସାୟାଦ ଆକବରଙ୍କୁ ଗୀତ ବଜାଇବାକୁ କିଛି ଯୁବକ ବାଧ କରିଥିଲେ। ସେତେବେଳେ ରାତି ପ୍ରାୟ ୧୧ ଟା ହୋଇଯାଇଥିବାରୁ ସେ ମନା କରିଦେଇଥିଲେ। ହେଲେ ଭଷାଣିରେ ସାମିଲ ଥିବା କେତେକ ଯୁବକ ଉତ୍ତ୍ୟକ୍ତ ହୋଇ ଏକ ଲୁହା ଛଡ଼ରେ ସାୟାଦ ଆକବରଙ୍କୁ ଆକ୍ରମଣ କରିଥିଲେ। ଫଳରେ ସେଠାରେ ସେ ଗୁରୁତର ହୋଇଥିଲେ। ତାଙ୍କୁ ହସ୍ପିଟାଲ ସ୍ଥାନାନ୍ତର କରାଯାଇଥିଲା। ପରେ ଏନେଇ ସେ ସଦର ଥାନାରେ ଅଭିଯୋଗ କରିଥିଲେ।

### ଘରେ କଳାକନା ବୁଲାଇଲେ ଦୁର୍ବୃତ୍ତ

ଦିଗପହଣ୍ଡି,୬।୯(ଡି.ଏନ.ଏ.)-ଦିଗପହଣ୍ଡି ଥାନା ଅନ୍ତର୍ଗତ ଭୂଷୁଣ୍ଡା ଗ୍ରାମରେ ସୋମବାର ବିଳମ୍ବିତ ରାତିରେ ଭଗବାନ ଗୌଡ ଓ କାଳୁ ସେଠୀଙ୍କ ବାରି କବାଟ ଭାଙ୍ଗି ଚୋରି ଉଦ୍ୟମ କରିଥିବା ବେଳେ ଗ୍ରାମର ସୀମାଞ୍ଚଳ ଦାସଙ୍କ ଘରୁ ବଡ଼ ଧରଣର ଚୋରି ହୋଇଥିବା ଅଭିଯୋଗ ହୋଇଛି। ପ୍ରକାଶ ଯେ, ସୀମାଞ୍ଚଳ ଜଣେ ରୁପା ବେପାରି ବଜାରରୁ ୩ କେଜି ରୁପା ଅଳଙ୍କାର କିଣି ଗାଁ ଗାଁ ବୁଲି ରୁପା ବେପାର କରିବା ପାଇଁ ଘରେ ରଖିଥିଲେ। ମଧରାତିରେ ସମସ୍ତ ତାଙ୍କ ପରିବାର ଲୋକେ ଘରର ଦାଣ୍ଡଘରେ ଶୋଇଥିଲେ। ଏହା ସୁଯୋଗ ନେଇ ଦୁର୍ବୃତ୍ତମାନେ ଘରର ବାରିପଟ କବାଟ ଭାଙ୍ଗି ଭିତରେ ପଶିଥିଲେ। ଘର ଥିବା କାଠପେଡ଼ା ଭାଙ୍ଗିବା ସହ ଟିଣପେଡ଼ି ଓ ସୁଟ୍‌କେସ୍ ଖୋଲି ସେଥିରେ ଥିବା ୩ କେଜି ରୁପା ଅଳଙ୍କାର, ୪୫ ଗ୍ରାମ ସୁନା ଅଳଙ୍କାର ସହ ନଗଦ ପୂଜା ଘରେ ଥିବା ୩୦ ହଜାର ଟଙ୍କା ଚୋରି କରି ନେଇଥିଲେ। ଏ ନେଇ ସୀମାଞ୍ଚଳ ଦିଗପହଣ୍ଡି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ନଂ. ୩୨୦/୨୨ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରି ଫେରିଛି। ଶୀଘ୍ର ଚୋରକୁ ଧରାଯିବ ବୋଲି ଆଇଆଇସି ଦୀପ୍ତି ରଞ୍ଜନ ବେହେରା ସୂଚନା ଦେଇଛନ୍ତି।

# ଲୋଚାପଡ଼ା ମୁଖ୍ୟ ରାସ୍ତା, ଡ୍ରେନ୍ ମରାମତି ଦାବିରେ ସତ୍ୟାଗ୍ରହ

ବ୍ରହ୍ମପୁର ଅଫିସ,୬।୯


ଆନ୍ଦୋଳନକାରୀଙ୍କ ସହ ବିଭାଗୀୟ ଅଧିକାରୀଙ୍କ ଆଲୋଚନା।

ବ୍ରହ୍ମପୁର ସହର ଲୋଚାପଡା ମୁଖ୍ୟ ରାସ୍ତା ଓ ଡ୍ରେନ୍ ମରାମତି ଦାବିରେ ମଙ୍ଗଳବାର ଲୋଚାପଡା ଅଞ୍ଚଳବାସୀ ସତ୍ୟାଗ୍ରହ ଆନ୍ଦୋଳନ ଆରମ୍ଭ କରିଛନ୍ତି। ବାସିନ୍ଦାଙ୍କ ପକ୍ଷରୁ କୁହାଯାଇଛି ଯେ, ଲୋଚାପଡାଠାରୁ ବ୍ରହ୍ମପୁର ସହରକୁ ସଂଯୋଗ କରୁଥିବା ରାସ୍ତାରେ ପ୍ରତ୍ୟହ ସ୍କୁଲ ବସଠାରୁ ଆରମ୍ଭ କରି ଭାରୀଯାନ ଯାତାୟାତ ହୋଇଥାଏ। ବର୍ତ୍ତମାନ ଏହି ରାସ୍ତାଟି ଖରାପ ହେବା ସାଙ୍ଗକୁ ରାସ୍ତା ମଝିରେ ବର୍ଷା ଜଳ ଜମି ରହି ବିରାଟ ଗର୍ତ୍ତ ସୃଷ୍ଟି ହୋଇଛି। ଫଳରେ ଏହି ରାସ୍ତା ଦେଇ ଯିବା ଆସିବା ସମୟରେ ଅନେକ ଦୁର୍ଘଟଣା ଘଟୁଛି। ଏହି ରାସ୍ତା ଉପରେ ୫ ହଜାରରୁ ଊର୍ଦ୍ଧ୍ୱ ବାସିନ୍ଦା ନିର୍ଭରଶୀଳ। ନିକଟରେ ଏହି ରାସ୍ତାରେ ଜଣେ ମହିଳାଙ୍କ ଦୁର୍ଘଟଣା ଘଟି ମୃତ୍ୟୁବରଣ କରିଥିବା ଅଭିଯୋଗ ହୋଇଛି। ରାସ୍ତାର ମରାମତି ନେଇ ବାରମ୍ବାର ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଯାଇଥିଲେ ସୁଦ୍ଧା କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିଲା। ଯାହା ଦ୍ୱାରା ମଙ୍ଗଳବାର ସ୍ଥାନୀୟ ବାସିନ୍ଦା ସତ୍ୟାଗ୍ରହ ଆନ୍ଦୋଳନକୁ ଓହ୍ଲାଇଥିବା କହିଛନ୍ତି। ଆନ୍ଦୋଳନ ସ୍ଥଳରେ ସଂପୃକ୍ତ ଠିକାଦାର ଓ ବିଭାଗୀୟ ଅଧିକାରୀ ପହଞ୍ଚି ଆନ୍ଦୋଳନରତ ବାସିନ୍ଦାଙ୍କୁ ବୁଝାଶୁଝା କରିଥିଲେ। ଏଥିସହ ବିଦ୍ୟୁତ୍ ଖୁଣ୍ଟ ସ୍ଥାନାନ୍ତରିତ ହେଉ ନ ଥିବାରୁ ରାସ୍ତା କାର୍ଯ୍ୟ ହୋଇପାରୁ ନ ଥିବା କହିଥିଲେ। କିନ୍ତୁ ଆନ୍ଦୋଳନରତ ବାସିନ୍ଦା ବିଭାଗ ଓ ଠିକାଦାରଙ୍କ ମଧ୍ୟରେ ମଧୁଚନ୍ଦ୍ରିକାରୁ ରାସ୍ତା କାର୍ଯ୍ୟ ହୋଇପାରୁ ନ ଥିବା ଅଭିଯୋଗ କରିଥିଲେ। ଏଥିସହ ରାସ୍ତା କାର୍ଯ୍ୟ ନ ହେବା ଯାଏ ଆନ୍ଦୋଳନ ଜାରି ରହିବ ବୋଲି ଅଞ୍ଚଳ ବାସିନ୍ଦା ଚେତାବନୀ ଦେଇଛନ୍ତି। ଆନ୍ଦୋଳନରେ ଲୋଚାପଡା ସରପଞ୍ଚ ଏଲ.ମୋହନ ଦାଶ, ସମିତି ସଭ୍ୟ ଚଣ୍ଡୀଚରଣ ସାହୁ, ଭାଜପା ନେତା ମହନ୍ତ ଚିନ୍ମୟାନନ୍ଦ, ଡା.ସାଗର ରଞ୍ଜନ ତ୍ରିପାଠୀ, ସହରତଳି ଅଞ୍ଚଳ ମିଳିତ କ୍ରିୟାନୁଷ୍ଠାନ କମିଟି ସଭାପତି ସଞ୍ଜୀବ କୁମାର ପଟ୍ଟନାୟକଙ୍କ ସମେତ ସୁଦେଶ ପାତ୍ର, ହରିହର ନାୟକ, ବାବୁଲା ପାତ୍ର, ଶିବ ପାତ୍ର ଓ ଲିଟୁ ବେହେରାଙ୍କ ସମେତ ବହୁ ଅଞ୍ଚଳ ବାସିନ୍ଦା ଉପସ୍ଥିତ ଥିଲେ।

# ସହାୟତାର ହାତ ବଢ଼ାଇଲା ଜିଲା ପ୍ରଶାସନ

ବ୍ରହ୍ମପୁର ଅଫିସ,୬।୯

### ଅସହାୟ ଯୁବତୀ ଏମ୍‌କେସିଜିରେ ଭର୍ତ୍ତି

ଲକ୍ଷ୍ମୀନୃସିଂହ ସାହିରେ ରହୁଥିବା ମା'ବାପା ଛେଉଣ୍ଡ ଅସହାୟ ଯୁବତୀ ନିଲାମ ମହାରଣା ଓରଫ ରାଣୀ କିଛିଦିନ ରୋଗରେ ପୀଡ଼ିତ ଥିଲେ। ପରିବାରର କୌଣସି ବ୍ୟକ୍ତି ତାଙ୍କ ପାଖରେ ନ ଥିବାରୁ ସେ ଡାକ୍ତରଖାନା ଯାଇପାରୁ ନ ଥିଲେ। ବ୍ରହ୍ମପୁର ଉପଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ସହକାରୀ ଜିଲାପାଳ ବିନୋଦ କୁମାର ବେହେରା ଶନିବାର ରାଣୀଙ୍କୁ ଭେଟିଥିଲେ। ଟିମ୍‌କ୍ଲିନ୍‌ସିଟିସଦସ୍ୟମାନଙ୍କ ସହଯୋଗରେ ରବିବାର ତାଙ୍କୁ ଏମ୍‌କେସିଜିରେ ଭର୍ତ୍ତି କରାଯାଇଥିଲା। ବର୍ତ୍ତମାନ ତାଙ୍କର ଚିକିତ୍ସା ଚାଲିଥିବାରୁ ରାଣୀଙ୍କ ମୁହଁରେ ହସ ଫୁଟିଛି। ସୂଚନାଯୋଗ୍ୟ, ଲକ୍ଷ୍ମୀନୃସିଂହ ସାହି ଦ୍ୱିତୀୟ ଲାଇନରେ ରହୁଥିଲେ ରାଣୀଙ୍କ ବାପା ସତ୍ୟ ମହାରଣା ଏବଂ ତାଙ୍କ ପରିବାର। ରାଣୀ ଜନ୍ମ ହେବା ପରେ ସତ୍ୟଙ୍କ ମୃତ୍ୟୁ ଘଟିଥିଲା। ଦୁଇ ଝିଅ ଓ ଗୋଟିଏ ପୁଅକୁ ନେଇ ମା' ଶକୁନ୍ତଳା ବାହାରେ କାମ କରି ପରିବାର ଚଳାଉଥିଲେ। ସାନ ଝିଅ ରାଣୀଙ୍କୁ ୧୩ ବର୍ଷ ହୋଇଥିବା ବେଳେ ସେ ରୋଗରେ ପୀଡ଼ିତ ହୋଇଥିଲେ। ଅର୍ଥାଭାବରୁ ସଠିକ୍ ଚିକିତ୍ସା ନ ପାଇବା ଯୋଗୁଁ ସେ ଧୀରେଧୀରେ ଚାଲି ପାରିନଥିଲେ। ବଡ଼ ଝିଅ ବାହାହୋଇ ଶାଶୁଘରକୁ ଚାଲିଗଲା। ପରେ ରାଣୀଙ୍କ ମା' କର୍କଟ ରୋଗରେ ଆକ୍ରାନ୍ତ ହୋଇ ପ୍ରାଣ ହରାଇଲେ। ଘରେ ଥିବା ସାନଭାଇ ପାଇଁ ଘର ଚଳାଇବା କଷ୍ଟକର ହୋଇପଡ଼ିଲା। ଘରଭଡ଼ା ଦେଇ ନ ପାରିବାରୁ ମାଲିକ ଘରୁ ବାହାର କରିଦେଲେ। ରାଣୀଙ୍କ ଅବସ୍ଥା ଦିନକୁ ଦିନ ଖରାପ ହେବା ସହ ତାଙ୍କର ଦୁଇଟି ଗୋଡ଼ ଏବଂ ହାତ ଅକାମୀ ହେବାରେ ଲାଗିଲା। ସାନଭାଇ କିଛି ଉପାୟ ନ ପାଇ ରାଣୀଙ୍କୁ ସାହିରେ ଛାଡ଼ି କେଉଁଆଡେ ଚାଲିଗଲା। ଏହି ଖବର ପ୍ରଶାସନ ନିକଟରେ ପହଞ୍ଚିବା ପରେ ଉପଜିଲାପାଳ ଟିମ୍ କ୍ଲିନ୍ ସିଟିର ସଦସ୍ୟମାନଙ୍କ ସହଯୋଗରେ ରବିବାର ତାଙ୍କୁ ଏମ୍‌କେସିଜିରେ ଭର୍ତ୍ତି କରିଥିଲେ। ବର୍ତ୍ତମାନ ରାଣୀଙ୍କ ସ୍ୱାସ୍ଥ୍ୟାବସ୍ଥା ପ୍ରଶାସନ, ମେଡିକାଲ କର୍ତ୍ତୃପକ୍ଷ ଏବଂ ଟିମ୍ କ୍ଲିନ୍ ସିଟିର ସଦସ୍ୟମାନେ ବୁଝୁଛନ୍ତି।

# ରାଜୀବ ଆବାସ ଆପାର୍ଟମେଣ୍ଟରେ ଘର ପ୍ରଦାନ ଦାବି


ଜଗବନ୍ଧୁ ହୁଡା ବାସିନ୍ଦାଙ୍କ ପକ୍ଷରୁ ଦାବି ପତ୍ର ପ୍ରଦାନ।

ବ୍ରହ୍ମପୁର ଅଫିସ,୬।୯

### ବିଏମ୍‌ସି କମିଶନରଙ୍କୁ ଦାବିପତ୍ର

ବ୍ରହ୍ମପୁର ମହାନଗର ନିଗମ(ବିଏମ୍‌ସି) ୯ ନଂ. ୱାର୍ଡ ଅନ୍ତର୍ଗତ ଜଗବନ୍ଧୁ ହୁଡା ବାସିନ୍ଦାଙ୍କୁ ରାଜୀବ ଆବାସ ଆପାର୍ଟମେଣ୍ଟରେ ଘର ପ୍ରଦାନରେ ପାନ୍ତର ଅନ୍ତର ଅଭିଯୋଗ ହୋଇଛି। ଏ ନେଇ ମଙ୍ଗଳବାର ବାସିନ୍ଦାଙ୍କ ପକ୍ଷରୁବିଏମ୍‌ସିକମିଶନର ଜେ.ସୋନାଲଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗ ମୁତାବକ, ଦୀର୍ଘ ୨୦ ବର୍ଷ ଧରି ଜଗବନ୍ଧୁ ହୁଡାରେ ବସବାସ କରୁଥିବା ବାସିନ୍ଦାମାନେ ରାଜୀବ ଆବାସ ଆପାର୍ଟମେଣ୍ଟରେ ଘର ନିମନ୍ତେ ଆବେଦନ କରିଥିଲେ। କିନ୍ତୁ ଆବେଦନ କରିବାର ଦୀର୍ଘ ଦିନ ବିତି ଯାଇଥିଲେ ସୁଦ୍ଧା ଆଜି ସୁଦ୍ଧା ଘର ମିଳି ନ ଥିବା ଅଭିଯୋଗ ହୋଇଛି। ଅନ୍ୟପଟେ କିଛି ଲୋକଙ୍କ ଘରବାରି ପକ୍କା ଥାଇ ମଧ ସେମାନଙ୍କୁ ଘର ମିଳିଥିବା ସାହି ବାସିନ୍ଦା ଅଭିଯୋଗ କରିଛନ୍ତି। ଏଣୁ ଏ ଦିଗରେ ଉଚ୍ଚସ୍ତରୀୟ ତଦନ୍ତ କରି ଉଚିତ ହିତାଧିକାରୀଙ୍କୁ ଆପାର୍ଟମେଣ୍ଟରେ ଘର ପ୍ରଦାନ ପାଇଁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ବବି ସାହୁ, କୋମଳା ଆଚାରୀ, କାମା ନାୟକ, ଡଲି ନାୟକ, କବିତା ନାୟକ, ଜୟଶ୍ରୀ ନାୟକ, ମାମି ନାୟକ, ସଞ୍ଜୟ ସେଠୀ ଓ ଉର୍ମିଳା ନାହାକଙ୍କ ସମେତ ବହୁ ସାହି ବାସିନ୍ଦା ଉପସ୍ଥିତ ଥିଲେ।

### ବୃଦ୍ଧାଙ୍କୁ ହତ୍ୟା ସନ୍ଦେହ

ଭଞ୍ଜନଗର,୬।୯(ଡି.ଏନ.ଏ.)

ତାରସିଂ ଥାନା ଅନ୍ତର୍ଗତ ଅଢଙ୍କପାରିରେ ମଙ୍ଗଳବାର ଜଣେ ବୃଦ୍ଧାଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ଖବରପାଇ ପୋଲିସ ରାତିରେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଏନେଇ ଥାନା ଅଧିକାରୀ ପି.କେ. ଦାସଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି, ଘଟଣା ସମ୍ପର୍କରେ ସୂଚନା ମିଳିଛି। ଘଟଣାସ୍ଥଳରେ ତଦନ୍ତ କରିବା ପରେ ସତ୍ୟତା ଜଣାପଡିବ।

### ବିଷମ କଟକ ଥାନାରେ ନୂଆ ପ୍ରଥମ ମହିଳା ଆଇଆଇସି

ବିଷମ କଟକ,୬।୯(ଡି.ଏନ.ଏ.)

ବିଷମକଟକ ଥାନାରେ ପ୍ରଥମ ନୂତନ ମହିଳା ଆଇଆଇସି ସୁମତି ମହାନ୍ତି ଦ୍ୱାୟିତ୍ୱ ନେଇଛନ୍ତି। ଏହା ପୂର୍ବରୁ ସେ ରାୟଗଡା ଜିଲା ମୁଖ୍ୟ ଥାନାରେ ସହରର ଟ୍ରାଫିକି ଦାୟିତ୍ୱରେ ଥିଲେ। ବିଷମକଟକରେ ଥିବା ଆଇଆଇସି ସୁବାସ ଚନ୍ଦ୍ର କୋରକରାଙ୍କୁ କାଶୀପୁର ବ୍ଲକର ଅଣ୍ଡରାକଞ୍ଚା ଥାନାକୁ ବଦଳି ହୋଇଛି। ଫଳରେ କିଛିଦିନ ହେଲା ବିଷମ କଟକ ଥାନାରେ ଆଇଆଇସି ପଦବୀ ଖାଲି ପଡିଥିଲା। ଏସଆଇ ପ୍ରିସ୍କା ଓଝା ଦ୍ୱାୟିତ୍ୱରେ ଥିଲେ। ଅନ୍ୟ ପକ୍ଷରେ ମୁନିଗୁଡା ଓ ଆମ୍ବାଦୋଲା ଥାନା ଅଞ୍ଚଳରେ ଗୋ ଚାଲାଣ ଅଧିକ ହୋଇଥାଏ। ଗଞ୍ଜେଇ, ଜୁଆଆଡ୍ଡା ସହ ଅନେକ ସ୍ଥାନରେ ମଦ କାରବାର ନେଇ ପୋଲିସକୁ ସବୁବେଳେ ବିବାଦର ସମ୍ମୁଖୀନ ହେବାକୁ ପଡିଥାଏ। ମାତ୍ର ବିଷମ କଟକରେ ପ୍ରଥମ କରି ଜଣର ମହିଳା ଆଇଆଇସିଙ୍କ ଯୋଗଦାନ ଥାନା ଅଞ୍ଚଳରେ ଅନେକ ପରିବର୍ତ୍ତନ ଆଣିବ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି। କୋଣସି ସ୍ଥାନରେ କିଛି ଘଟଣା ଘଟିଲେ ପୋଲିସକୁ ଭୟ ନ କରି ତୁରନ୍ତ ଥାନାକୁ ଖବର ଦେବାକୁ ନୂତନ ଆଇଆଇସି ମହାନ୍ତି ପରାମର୍ଶ ଦେଇଛନ୍ତି। ଏହି ଅବସରରେ ସେ ବିଷମ କଟକ ଜନସାଧାରଣ, ଗଣମାଧ୍ୟମ ପ୍ରତିନିଧିଙ୍କ ସହ ଆଲୋଚନା କରିଥିଲେ।

# ଓଡ଼ିଶା ବ୍ୟାଡ଼ମିଣ୍ଟନ ଟିମ୍‌ର ମ୍ୟାନେଜର ହେଲେ ପ୍ରୀତିପାଲ


ଟିମ୍ ସହ ଉତ୍ତରପ୍ରଦେଶ ଯାତ୍ରା କରୁଥିବା ପ୍ରୀତିପାଲ ।

ମାଲକାନଗିରି,୬।୯(ସ୍ୱ.ପ୍ର.)

ମାଲକାନଗିରି ଜିଲାର ପ୍ରୀତପାଲ ସିଂ ଓଡିଶା ବ୍ୟାଡମିଣ୍ଟନ ଟିମ୍‌ର ମ୍ୟାନେଜର ଭାବେ ମନୋନୀତ ହୋଇଛନ୍ତି। ଦାୟିତ୍ୱ ଗ୍ରହଣ ପରେ ସେ ମଙ୍ଗଳବାର ଓଡ଼ିଶା ଦଳକୁ ନେଇ ଉତ୍ତର ପ୍ରଦେଶ ଯାତ୍ରା କରିଛନ୍ତି। ସେ ଜଣେ ସୁପରିଚିତ ଆଇନଜୀବୀ। ମାଲକାନଗିରିର ମେହେଙ୍ଗା ସିଂଙ୍କ ପୁଅ ପ୍ରୀତିପାଲଙ୍କ ଏହି ସଫଳତା ପାଇଁ ଜିଲାର କ୍ରୀଡ଼ାବିତଙ୍କ ସମେତ ବିଭିନ୍ନ ମହଲରୁ ତାଙ୍କ ନିକଟକୁ ଶୁଭେଚ୍ଛାର ସୁଅ ଛୁଟିଛି।

# ଲମତାପୁଟର ଗ୍ରାମବାସୀ ଜିଲା ପ୍ରଶାସନର ଦ୍ୱାରସ୍ଥ

କୋରାପୁଟ,୬।୯(ସ୍ୱ.ପ୍ର.)

### ମୋବାଇଲ ଟାୱାର ପ୍ରତିଷ୍ଠା ଦାବି

କୋରାପୁଟ ଜିଲା ଲମତାପୁଟ ବ୍ଲକର ଜଳହଞ୍ଜୀର ପଞ୍ଚାୟତର ଆନ୍ଧ୍ର ସୀମାନ୍ତବର୍ତ୍ତୀ ଅଞ୍ଚଳରେ ଥିବା ୨୦ରୁ ଊର୍ଦ୍ଧ୍ୱ ଗ୍ରାମର ଗ୍ରାମବାସୀ ସେମାନଙ୍କ ଅଞ୍ଚଳରେ ମୋବାଇଲ ଟାୱାର ପ୍ରତିଷ୍ଠା ଦାବି କରି ସୋମବାର ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ଏହି ଜଳାହଞ୍ଜୀର ପଞ୍ଚାୟତର ଗେଲାଗୁଡା, ଚୋଟିଆପଡା, ଦଣ୍ଡାବାଡ, ତୋଖଲ, ମାଦି, କାଳିଆଗୁଡା, ବିଲାଗୁଡା, ଖବରିଗୁଡା, ଜୁବୁରିଗୁଡା, ବଡଗାଁଓ, ପାଣି, ଜେପାଙ୍ଗ, ହାଟଗୁଡା, ବଦଳିପଦର, ବେତପଡା, ନୂଆଗୁଡା ଆଦି ଗ୍ରାମରେ ମୋବାଇଲ ଟାୱାର ନ ଥିବାରୁ ଅଞ୍ଚଳବାସୀ ମୋବାଇଲ ସେବାରୁ ବଞ୍ଚିତ ହେବା ସହ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏଥିଯୋଗୁ ସେମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ସମେତ ବିଭିନ୍ନ ମୌଳିକ ସମସ୍ୟାର ସମାଧାନ ହୋଇପାରୁନି ବୋଲିପଞ୍ଚାୟତର ସାଧୁ ଖିଲ, ଧନ ହନ୍ତାଳ, କାଶୀନାଥ ମୁଦୁଲି, ଧନୁଞ୍ଜୟ ହନ୍ତାଳ, ଜଗଦିଶ ଖିଲ, ଶୁକ୍ରା ଖିଲ, ଶୁକ୍ରା ପାଙ୍ଗି, ତ୍ରିନାଥ ମୁଦୁଲି, ନରସିଙ୍ଗ ମୁଦୁଲି, ଶୁଶିଳା ଖିଲ ସୁନାଧର ମୁଦୁଲି ପ୍ରମୁଖ ପ୍ରକାଶ କରିଛନ୍ତି। ଜିଲାପାଳ ଏହି ଅଞ୍ଚଳରେ ଶୀଘ୍ର ଏକ ମୋବାଇଲ ଟାୱାର ବ୍ୟବସ୍ଥା ନେଇ ସେ ପଦକ୍ଷେପ ନେବି ବୋଲି ପ୍ରତିଶ୍ରୁତି ଦେଇଛନ୍ତି।


ଜିଲାପାଳଙ୍କୁ ଭେଟିବାକୁ ଆସିଥିବା ଗ୍ରାମବାସୀ।

# ସିଟି ମହାବିଦ୍ୟାଳୟରେ ଜାତୀୟ ପୋଷଣ ସପ୍ତାହ

ବ୍ରହ୍ମପୁର ଅଫିସ, ୬।୯



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି, ଏନ୍‌ସିସି ମେଡିକାଲ ଅଫିସର ଓ ଅଧକ୍ଷା।

ବ୍ରହ୍ମପୁର ସହର ଉପକଣ୍ଠସ୍ଥ ଆମ୍ବପୁଆସ୍ଥିତ ସିଟି ମହାବିଦ୍ୟାଳୟରେ ମଙ୍ଗଳବାର ପୋଷଣ ସପ୍ତାହ ପାଳିତ ହୋଇଯାଇଛି। ଅଧକ୍ଷା ଡ.ଅନୀତା ପଣ୍ଡା ଅଧକ୍ଷତା କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଗୃହ ବିଜ୍ଞାନ ବିଭାଗ ମୁଖ୍ୟ ଅଧକ୍ଷା ପ୍ରଫେସର ଡ.ଅରୁନ୍ଧତି ରଥ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ମେଡିକାଲ ଏନ୍‌ସିସି କମାଣ୍ଡିଂ ଅଫିସର ମେଜର ଡକ୍ଟର ସୌରଭ ତିୱାରି ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଡ.ରଥ ମନୁଷ୍ୟ ଜୀବନରେ ପୋଷଣର ଆବଶ୍ୟକତା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଥିଲେ। ସମ୍ମାନିତ ଅତିଥି ମେଜର ଡ.ତିୱାରି ପୋଷଣ ସପ୍ତାହ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିବା ସହ ଦୈନନ୍ଦିନ ଜୀବନରେ ଆମେ ଗ୍ରହଣ କରୁଥିବା ଆହାରରେ କ'ଣ ଖାଇବା ଦ୍ୱାରା ଶରୀରକୁ ଉପଯୁକ୍ତ ପୋଷଣ ମିଳି ପାରିବ ସେ ସମ୍ପର୍କରେ କହିଥିଲେ। ବର୍ତ୍ତମାନ ସମୟରେ ଖାଦ୍ୟକୁ ପ୍ରଦୂଷଣ ମୁକ୍ତ ଓ ପୋଷଣ ଯୁକ୍ତ କିପରି କରାଯାଇପାରିବ ସେ ସମ୍ପର୍କରେ ସଭାରେ ଆଲୋଚନା ହୋଇଥିଲା। ଅର୍ଥନୀତି ବିଭାଗ ମୁଖ୍ୟ ଅଧାପିକା ମାଧୁରୀ ପାଢ଼ୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧାପିକା ଅଧାପକ, ଏନ୍‌ସିସି କ୍ୟାଡେଟ, ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।

# ପ୍ରଜାପିତା ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ସମ୍ବର୍ଦ୍ଧନା ସଭା

ବ୍ରହ୍ମପୁର ଅଫିସ୍,୬।୯


ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା।

ବ୍ରିଟ୍ କଲୋନୀସ୍ଥିତ ପ୍ରଜାପିତା ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ରହ୍ମାକୁମାରୀ କସ୍ତୁରୀ ଅଧକ୍ଷତା କରିଥିଲେ। ହିଞ୍ଜିଳିକାଟୁ କଲେଜର ପୂର୍ବତନ ଅଧକ୍ଷ ଯୋଗେନ୍ଦ୍ର ପାଣିଗ୍ରାହୀ, ରୟାଲ ଫାର୍ମାସୀ କଲେଜ ଅଧକ୍ଷ ପି.ଏଲ.ମୂର୍ତ୍ତି, ସଂସ୍କାରବାଦୀ ସଂଗଠନ ସଭାପତି ତ୍ରିନାଥ ମହାରଣା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷାର ସ୍ୱରୂପ ହୋଇ ଶିକ୍ଷକମାନେ ଶିକ୍ଷାଦାନ କରିବା ସହ ମୂଲ୍ୟବୋଧ ଶିକ୍ଷାକୁ ଗୁରୁତ୍ୱ ଦେବାକୁ ଅତିଥିମାନେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆସିକା ବିଜ୍ଞାନ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ କୃଷ୍ଣ ଚନ୍ଦ୍ର ପାତ୍ର ଓ ଜାଭିୟର ମହାବିଦ୍ୟାଳୟ ଅଧକ୍ଷ ରମେଶ ଚନ୍ଦ୍ର ରାଓ ଉପସ୍ଥିତ ଥିଲେ। ଏହି ଅବସରରେ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଶିଳାନ୍ୟାସରେ ସୀମିତ ବିକ୍ରମପୁର ସାଇନ୍ସ ପାର୍କ

ବ୍ରହ୍ମପୁର ଅଫିସ,୬।୯

### ଗୋପାଳପୁର ପ୍ରତି କେନ୍ଦ୍ର ଅବହେଳା ଅବ୍ୟାହତ

ଗୋପାଳପୁର ନିର୍ବାଚନ ମଣ୍ଡଳୀର ବିକ୍ରମପୁରରେ ପ୍ରସ୍ତାବିତ ସାଇନ୍ସ ପାର୍କ ଶିଳାନ୍ୟାସରେ ସୀମିତ ରହିଛି। ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ହୋଇଥିବା ଭିତ୍ତିପ୍ରସ୍ତରକୁ ଏବେ ୭ ବର୍ଷ ବିତିଥିଲେ ମଧ କାମ ଆରମ୍ଭ ହୋଇନି। ତୁରନ୍ତ ପାର୍କନିର୍ମାଣ ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି।

ସୂଚନାଯୋଗ୍ୟ, ୨୦୧୪ ନିର୍ବାଚନରେ ପ୍ରଦୀପ ପାଣିଗ୍ରାହୀ ଦ୍ୱିତୀୟଥର ବିଧାୟକ ହେବା ପରେ ବିଜେଡିର ୪ର୍ଥ ପାଳି ସରକାରରେ ଗ୍ରାମାଞ୍ଚଳ ଜଳ ଯୋଗାଣ, ଉଚ୍ଚ ଶିକ୍ଷା ସହ ବିଜ୍ଞାନ ବିଭାଗ ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ) ହୋଇଥିଲେ। ତାଙ୍କ କାର୍ଯ୍ୟକାଳରେ ନିଜ ବିଧାନସଭା କ୍ଷେତ୍ରର ବିକ୍ରମପୁରରେ ସାଇନ୍ସ ପାର୍କ ପ୍ରତିଷ୍ଠା ଲାଗି ପଦକ୍ଷେପ ନେଇଥିଲେ। କ୍ଷମତାର ଦୁଇ ବର୍ଷ ପରେ ସେ ମନ୍ତ୍ରୀ ପଦରୁ ବାଦ ପଡ଼ି ଗଞ୍ଜାମ ଜିଲା ବିଜେଡି ସଂଗଠନର ସଭାପତି ହୋଇଥିଲେ। ୨୦୧୯ ନିର୍ବାଚନରେ ତୃତୀୟ ଥର ବିଧାୟକ ନିର୍ବାଚିତ ହେଲେ। ଘଟଣାଚକ୍ରରେ ୨୦୨୦ ଶେଷବେଳକୁ ସେ ଦଳରୁ ବହିଷ୍କୃତ ହେବା ସହ ବିଭିନ୍ନ ମାମଲାରେ ଛନ୍ଦି ହୋଇଗଲେ। ଦୀର୍ଘଦିନ ବିଚାର ବିଭାଗ ହାଜତରେ ମଧ ରହିଲେ। ତେଣୁ ସାଇନ୍ସ ପାର୍କ ପ୍ରତିଷ୍ଠା ଧିମେଇ ଗଲା। ସମ୍ପ୍ରତି ରାଜ୍ୟ ସରକାର ମଧ ସାଇନ୍ସକୁ ଗୁରୁତ୍ୱ ଦେଇ ଭିତ୍ତିଭୂମି ଯୋଗାଉଛନ୍ତି। ସମୁଦ୍ର କୂଳିଆ ବିଦ୍ୟାର୍ଥୀଙ୍କ ବିଜ୍ଞାନ ପାଠ୍ୟକ୍ରମର ବିକାଶ ନିମନ୍ତେ ବିକ୍ରମପୁର ସାଇନ୍ସ ପାର୍କ ନିର୍ମାଣ ଅପରିହାର୍ଯ୍ୟ ବୋଲି ଅଭିଭାବକ ମହଲରୁ ମତ ପ୍ରକାଶ ପାଉଛି।

ଅପରପକ୍ଷରେ ଉପକୂଳର ଗୋପାଳପୁର ନିର୍ବାଚନ ମଣ୍ଡଳୀ ପ୍ରତି କେନ୍ଦ୍ର ସରକାର ଅବହେଳା କରୁଥିବା ଏକାଧିକ ନଜିର ଅଛି। ଶୀତଳାପଲ୍ଲୀ ରେଳ ୱାଗନ ଫ୍ୟାକ୍ଟ୍ରି ଏନଡିଏ ସରକାର ପ୍ରତ୍ୟାହାର କରିଛନ୍ତି। ଗୋଳନ୍ଥରାରେ ବୃହତ୍ତ ତୈଳ ଡ଼ିପୋ ପ୍ରସ୍ତାବକୁ କାର୍ଯ୍ୟକାରୀ କରିନାହାନ୍ତି। ୧୨ବର୍ଷ ତଳେ ସର୍ଭେ ସରିଥିବା ଗୋପାଳପୁର ଠାରୁ ରାୟଗଡ଼ା ପର୍ଯ୍ୟନ୍ତ ୨୫୮ କି.ମି. ନୂଆ ରେଳପଥ ନିର୍ମାଣ ପ୍ରତି ଅଣଦେଖା କରିଛନ୍ତି। ସେହିପରି ଗୋପାଳପୁର ଠାରୁ ପଶ୍ଚିମବଙ୍ଗର ଦୀଘା ପର୍ଯ୍ୟନ୍ତ ଉପକୂଳ ରାଜପଥ ନିର୍ମାଣରୁ ଗଞ୍ଜାମ ଜିଲା ଅଞ୍ଚଳକୁ ସମ୍ପୃକ୍ତ ମନ୍ତ୍ରଣାଳୟ ମନ୍ତ୍ରୀ ବାଦ ଦେଇଛନ୍ତି। ତେଣୁ ପୂର୍ବ ଓ ବର୍ତ୍ତମାନର କେନ୍ଦ୍ର ସରକାର ଗୋପାଳପୁର ଅଞ୍ଚଳ ପ୍ରତି ବୈମାତୃକ ମନୋଭାବ ପ୍ରକାଶ କରୁଥିବା ଉପକୂଳ ବାସିନ୍ଦା ସମାଲୋଚନା କରୁଛନ୍ତି। ରାଜ୍ୟ ସରକାର କେନ୍ଦ୍ର ଉପରେ ଚାପ ପକାଇ ପ୍ରସ୍ତାବିତ ଯୋଜନାଗୁଡ଼ିକ କାର୍ଯ୍ୟକାରୀ କରାଇବାକୁ ବିଭିନ୍ନ ମହଲ ଗୁରୁତ୍ୱ ଦେଇଛନ୍ତି।

## ସଂକ୍ଷେପରେ

### ରେଳ ଧାରଣାରୁ ଯୁବକଙ୍କ ମୃତଦେହ ଜବତ

ଲକ୍ଷ୍ମୀପୁର, ୬।୯ (ସ୍ୱ.ପ୍ର.)- ଲକ୍ଷ୍ମୀପୁର ବ୍ଲକ ତଡ୍ୟାପୁଟ ପଞ୍ଚାୟତର ଡୁମୁରିପଦର ଗ୍ରାମସ୍ଥିତ ବ୍ରିଜ୍ ନିକଟସ୍ଥ ରେଳ ଧାରଣରୁ ଜଣେ ଯୁବକଙ୍କ ମୃତଦେହ ମଙ୍ଗଳବାର କୋରାପୁଟ ଜିଆରପି ଜବତ କରିଛି। ମୃତ ବ୍ୟକ୍ତିଜଣକ ହେଲେ କୁସୁମଗୁଡା ପାଞ୍ଚାୟତ କୁରୁମୁଲି ଗ୍ରାମର ସୁବା ମୁଣ୍ଡାଙ୍କ ପୁଅ ସିଉ ମୁଣ୍ଡା (୨୫)। ସେ ୮ ମାସ ହେବ ବିବାହ କରିଥିଲେ। ତାଙ୍କ ମୃତ୍ୟୁରେ ପରିବାର ଲୋକେ ଭାଙ୍ଗି ପଡିଛନ୍ତି। ସିଉ ଆତ୍ମହତ୍ୟା କରିଥିବା ଆଲୋଚନା ହେଉଛି। ତଦନ୍ତ କରି ଜିଆରପି ଏସଆଇ ବିନୟ ଭୋଇ, ଏଏସଆଇ, ପ୍ରଦୀପ ପଟେଲ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ୧୩/୨୨ରେ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ୧ ଲକ୍ଷ ୬୫ ହଜାରରେ ନିଲାମ ହେଲା ଗଣେଶଙ୍କ ଲଡୁ

ବୋରିଗୁମ୍ମା, ୬।୯(ଡି.ଏନ.ଏ.)- କୋରାପୁଟ ଜିଲା ବୋରିଗୁମ୍ମା ଗୋଲଡେନ ଗ୍ରୁପ ପକ୍ଷରୁ ଅଗ୍ରପୂଜ୍ୟ ଗଜାନନଙ୍କ ପୂଜା ପାଳିତ ହୋଇଥିଲା। ସେଥିମଧ୍ୟରୁ ମୁଖ୍ୟ ଆକର୍ଷଣ ଥିଲା ଗଣେଶଙ୍କ ଲଡୁ ନିଲାମ। ଚଳିତ ବର୍ଷ ନିଲାମ ସମସ୍ତ ରେକର୍ଡ ପାର କରିଛି କରିଛି।୧ ଲକ୍ଷ ୬୫ ହଜାର ଟଙ୍କାରେ ଗଣେଶଙ୍କ ପୂଜା ହୋଇଥିବା ଲଡୁ ନିଲାମ ହୋଇଛି। ଏହି ନିଲାମ ପ୍ରଥମେ ଏକ ହଜାର ଟଙ୍କାରୁ ଆରମ୍ଭ ହୋଇ ୧ ଲକ୍ଷ ୬୫ ହଜାର ଟଙ୍କାରେ ଶେଷ ହୋଇଥିଲା। ବୋରିଗୁମ୍ମା ମିଲର୍ସ ୟୁନିୟନର ୧୫ ଜଣ ସଦସ୍ୟ ମିଳିତ ଭାବେ ଏହି ଲଡୁ କ୍ରୟ କରିଥିଲେ। ମିଲର୍ସ ଆସୋସିଏସନର ସଭ୍ୟ ଭି.କ୍ରିଷ୍ଣାରାଜୁ, ବୋଇନା ଗୋବିନ୍ଦା ରାଓ, ପି.ରାବାଣା, ଏମ.ଭାସ୍କର, ପି.ଭେଙ୍କଟ ରାବାଣା, ପି.ମନ୍ମଥ ରାଓ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଲଡୁ ନିଲାମ ଟଙ୍କାକୁ ଗୋଲଡେନ ଗ୍ରୁପ କୌଣସି ଅସହାୟ ଲୋକଙ୍କ କିମ୍ବା ମନ୍ଦିର ଉନ୍ନତି କାର୍ଯ୍ୟରେ ବିନିଯୋଗ କରିଥାନ୍ତି।

### ବି.ସିଂହପୁର ଥାନାରେ ଯୋଗ ଦେଲେ ନୂତନ ଅଧିକାରୀ

ବୋରିଗୁମ୍ମା, ୬।୯(ଡି.ଏନ.ଏ.)-ବୋରିଗୁମ୍ମା ବ୍ଲକ ବି. ସିଂହପୁର ଥାନାର ଭାରପ୍ରାପ୍ତ ଥାନା ଅଧିକାରୀ ଭାବରେ ଏସଆଇ ସମ୍ବିତ ସ୍ୱାଇଁ ଯୋଗ ଦେଇଛନ୍ତି। ପୂର୍ବତନ ଥାନା ଅଧିକାରୀ ଦାମୋଦର ବିହାରୀଙ୍କଠାରୁ ସେ ଦାୟିତ୍ୱ ଗ୍ରହଣ କରିଛନ୍ତ। ସ୍ୱାଇଁ ଦାୟିତ୍ୱ ଗ୍ରହଣ ପରେ ସାତ ଭଉଣୀ ମନ୍ଦିରକୁ ପୂଜାର୍ଚ୍ଚନା କରିଥିଲେ। ବି.ସିଂହପୁର ଅଞ୍ଚଳରେ ଆଇନ ଶୃଙ୍ଖଳା, ଅପରାଧ ନିୟନ୍ତ୍ରଣ ଏବଂ ପୋଲିସ-ଜନତାଙ୍କ ମଧ୍ୟରେ ସୁସମ୍ପର୍କ କିଭଳି ସୃଷ୍ଟି ହେବ ସେ ଦିଗରେ ପ୍ରାଥମିକତା ଦେବେ ବୋଲି ସେ କହିଛନ୍ତ। ଏଠାରେ ଥିବା ପୂର୍ବତନ ଥାନା ଅଧିକାରୀ ଦମୋଦାର ବିହାରୀଙ୍କ କାକରିଗୁମା ଥାନାକୁ ବଦଳି ହୋଇଛି। ନୂତନ ଥାନା ଅଧିକାରୀ ସ୍ୱାଇଁଙ୍କୁ ବୋରିଗୁମ୍ମା ପ୍ରେସ କ୍ଲବ ପକ୍ଷରୁ କୋଷାଧକ୍ଷ ମାନସ ରଞ୍ଜନ ହୋତା, ସୁଶୀଲ ଷଡଙ୍ଗୀ ,ପ୍ରତାପ ହୋତା,ସୁକାନ୍ତ ମାଝୀ,ଗୋପାଳ ଡ଼ଙ୍ଗରି ପ୍ରମୁଖ ଭେଟି ସ୍ୱାଗତଜଣାଇଛନ୍ତି।

### ନାବାଳିକାଙ୍କୁ ଅପହରଣ,ବଳାତ୍କାର ମାମଲାରେ ଜଣେ ଗିରଫ

ଜୟପୁର, ୬।୯ (ନି.ପ୍ର.)-ଜଣେ ନାବାଳିକାଙ୍କୁ ଅପହରଣ ଓ ବଳାତ୍କାର ଅଭିଯୋଗରେ ଜଡିତ ଜଣେ ଅଭିଯୁକ୍ତଙ୍କୁ ମଙ୍ଗଳବାର ସଦର ଥାନା ପୋଲିସ ଗିରଫ କରିଛି। ସେ ହେଲେ ବାମୁଣି ଗ୍ରାମର ଗୋବିନ୍ଦ ହରିଜନ (୨୨)। ଗୋବିନ୍ଦ ଜଣେ ନାବାଳିକାଙ୍କୁ ଅପହରଣ କରି ବଳାତ୍କାର କରିଥିବା ନେଇ ସଦର ଥାନାରେ ଅଭିଯୋଗ ହୋଇଥିଲା। ଏହାକୁ ଭିତ୍ତିକରି ପୋଲିସ ଏକ ମାମଲା ରୁଜୁକରି ମାମଲାର ତଦନ୍ତ ଚଳାଇଥିଲା। ଏବେ ସମ୍ପୃକ୍ତା ନାବାଳିକାଙ୍କୁ ଉଦ୍ଧାରକରି ଅଭିଯୁକ୍ତ ଗୋବିନ୍ଦଙ୍କୁ ଗିରଫ କରାଯାଇଥିବା ପୋଲିସ ପକ୍ଷରୁ କୁହାଯାଇଛି।

### ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଗଠନରେ ଗୁରୁଙ୍କ ଭୂମିକା ଅତୁଳନୀୟ

ସୁନାବେଡ଼ା,୬।୯(ସ୍ୱ.ପ୍ର.)-ସେମିଳିଗୁଡ଼ା ବ୍ଲକ ଅନ୍ତର୍ଗତ ପାକଝୋଲା ପଞ୍ଚାୟତର ଉପରମାନିଆସ୍ଥିତ ଜୟପ୍ରକାଶ ଉଚ୍ଚ ବିଦ୍ୟାଳୟ ପରିସରରେ ପବିତ୍ର ଗୁରୁଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ପଞ୍ଚାୟତ ସମିତି ଅଧକ୍ଷା ଲିଲି ଅଣ୍ଟାବିରିଆ ଯୋଗଦେଇ ସର୍ବପଲ୍ଲୀ ଡ. ରାଧାକ୍ରିଷ୍ଣନ୍‌ଙ୍କ ଜୀବନୀ ଓ ଆଦର୍ଶ ଉପରେ ଛାତ୍ରୀଛାତ୍ରଙ୍କୁ ଅବଗତ କରିଥିଲେ। ଅନ୍ୟତମ ଅତିଥି ରୂପେ ବିଜେଡି ବ୍ଲକ ସଭାପତି ରାମ ଅଣ୍ଟାବିରିଆ ଯୋଗଦେଇ ଛାତ୍ରୀଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଢ଼ି ତୋଳିବାରେ ଗୁରୁଙ୍କ ଭୂମିକା ଅତୁଳନୀୟ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍କୁଲର ପ୍ରତିଷ୍ଠାତା ସଦାଶିବ ବାରିକ, ଜଗତ ଗୁଣ୍ଟା, ସନ୍ତୋଷ ନାୟକ, ଅଶୋକ ପଟ୍ଟନାୟକ, ଚନ୍ଦ୍ରକାନ୍ତ ନାୟକ, ଚୈତନ୍ୟ ପ୍ରସାଦ ନାୟକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ଖତ ହେଉଛି ସମବାୟ ବ୍ୟାଙ୍କର ଭ୍ରାମ୍ୟମାଣ ଶାଖା ଗାଡ଼ି

ମାଲକାନଗିରି, ୬।୯(ଡି.ଏନ୍.ଏ.)



ପଡିରହି ନଷ୍ଟ ହେଉଥିବା ଗାଡ଼ି।

ମାଲକାନଗିରି ଜିଲାରେ କୃଷକମାନଙ୍କ ବିଭିନ୍ନ ସମସ୍ୟା ଦୂରକରିବା ପାଇଁ ରାଜ୍ୟ ସରକାର ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି। ସେଥିମଧ୍ୟରୁ କୃଷକମାନେ ଯେପରି ନିଜ ଗ୍ରାମରେ ଥାଇ ଚାଷ ସମ୍ପର୍କିତ ସମସ୍ତ ସୁବିଧା ପାଇପାରିବେ ସେଥିପାଇଁ ନାବାର୍ଡ ମାଧ୍ୟମରେ କୋରାପୁଟ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ମାଲକାନଗିରି ଜିଲାକୁ ଗତ ୩ ବର୍ଷ ତଳେ ଏକ ଭ୍ରାମ୍ୟମାଣ ମୋବାଇଲ ସେବା ଗାଡ଼ି ଯୋଗାଇଦେଇଥିଲା। ଏହି ଭ୍ରାମ୍ୟମାଣ ଗାଡ଼ିରୁ କୃଷକମାନେ ନିଜ ଗ୍ରାମରେ ଜମାଖାତା ଖୋଲିବା, ନଗଦ ଜମା ଓ ଉଠାଣ, ଏଟିଏମ୍ ମାଧ୍ୟମରେ ଋଣ ପ୍ରଦାନ, ମଞ୍ଜୁର ଋଣ ସୀମା, ବିଭିନ୍ନ ଅମାନତ ଓ ଋଣର ସୁଧ, ବିଭିନ୍ନ ଯୋଜନାର ବିଶଦ ବିବରଣୀ ସମ୍ପର୍କରେ ଜାଣିବା ବ୍ୟବସ୍ଥା ହୋଇଥିଲା। ଗତ ୩ବର୍ଷ ତଳେ ଉକ୍ତ ଗାଡ଼ି ଉଦ୍‌ଘାଟନ ସମୟରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା କୃଷି ଅଧିକାରୀ, ସମବାୟ ନିରୀକ୍ଷକ, କୃଷି ବିଭାଗର ପଦାଧିକାରୀମାନେ ଉପସ୍ଥିତ ଥିଲେ। ବର୍ତ୍ତମାନ ଏହି ଗାଡ଼ିଟି ସେବାରେ ନ ଲାଗି ମାଲକାନଗିରି ସଦର ମହକୁମା ମୁଖ୍ୟ ରାସ୍ତା କୋରାପୁଟ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ଶାଖା କାର୍ଯ୍ୟାଳୟ ସମ୍ମୁଖରେ ପଡିରହିଛି। ଏ ନେଇ ମାଲକାନଗିରି ଜିଲା ସମବାୟ ସମିତି ସହକାରୀ ନିବନ୍ଧକ ଶିବବ୍ରତ ପଣ୍ଡାଙ୍କୁ ପଚାରିବାରୁ ସେ କହିଥିଲେ, ଏହି ଗାଡ଼ିଟି ନାବାର୍ଡ ପକ୍ଷରୁ ସେତେବେଳେ ମିଳିଥିଲା। ଆଭ୍ୟନ୍ତରୀଣ ଅଞ୍ଚଳଗୁଡ଼ିକରେ କୃଷକମାନେ ସମବାୟ ବ୍ୟାଙ୍କ ମାଧ୍ୟମରେ ବିଭିନ୍ନ ସେବା ପାଇବା ପାଇଁ ଗାଡିଟି ବୁଲିଥାନ୍ତା। ମାତ୍ର ଏହି ଗାଡିରେ ସବୁପ୍ରକାର ସୁବିଧା ଥିଲେ ମଧ୍ୟ ନେଟ୍‌ୱର୍କ ସୁବିଧା ନ ଥିବା, କୁଶଳୀ କର୍ମଚାରୀଙ୍କ ଅଭାବ, ଡ୍ରାଇଭର ଏବଂ ପରିଚାଳନା ପାଇଁ ନାବାର୍ଡ ପକ୍ଷରୁ କୌଣସି ବ୍ୟବସ୍ଥା ନ ଥିବାରୁ ଏହା କାର୍ଯ୍ୟକ୍ଷମ ନ ହୋଇପଡିଛି। ରାଜ୍ୟ ସମବାୟ ନିଗମ ଏଥିପାଇଁ ଯାହା ନିଷ୍ପତ୍ତି ନେବେ ସେହି ଅନୁଯାୟୀ ଆଗାମୀ ଦିନରେ କାର୍ଯ୍ୟକାରୀ ହେବ ବୋଲି ପଣ୍ଡା କହିଥିଲେ। ଏ ସମ୍ପର୍କରେ ନାବାର୍ଡର ଅଧିକାରୀଙ୍କ ସହ ଯୋଗାଯୋଗ ହୋଇ ନ ପାରିବାରୁ ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

## କାଗଜକଲ ଅବସରପ୍ରାପ୍ତ ଶ୍ରମିକଙ୍କ ଆନ୍ଦୋଳନ ଚେତାବନୀ

ଜୟପୁର,୬।୯ (ନି.ପ୍ର.)

ଜୟପୁର ସେବା କାଗଜ କଳ ଅବସରପ୍ରାପ୍ତ ଶ୍ରମିକମାନେ ସେମାନଙ୍କ ପିଏଫ୍ , ପେନସନ୍ ଓ ବକେୟା ପାଉଣା ବାରମ୍ବାର ଦାବିକରି ଆସୁଥିଲେ ମଧ୍ୟ ନୂଆ କମ୍ପାନୀ ମ୍ୟାନେଜମେଣ୍ଟ କେବଳ ପ୍ରତିଶ୍ରୁତି ଦେଇ ତାରିଖ ଘୁଞ୍ଚାଇ ଚାଲିଛନ୍ତି। ୨୦୨୦ ଫେବୃଆରୀ ମାସରୁ ପୁରୁଣା ବିଲ୍ଟ କମ୍ପାନୀକୁ ଏକ ବିଟିଏ ( ବିଜିନେସ୍ ଟ୍ରାନ୍ସଫର୍ ଏଗ୍ରିମେଣ୍ଟ ) ଯାହାକି ହରିଆନା ରାଜ୍ୟ ସରକାରଙ୍କ ଷ୍ଟାମ୍ପ ପେପର୍‌ରେ ଦ୍ୱିପାକ୍ଷିକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ଏହା ମାଧ୍ୟମରେ ମଦର୍ ଆର୍ଥ୍ କମ୍ପାନୀ ମ୍ୟାନେଜମେଣ୍ଟ ହାତକୁ ନେଇ ୨୦୨୦ ଜୁନ୍ ୮ରେ ଇଣ୍ଡସ୍ ଇଣ୍ଡ୍ ବ୍ୟାଙ୍କରୁ ୧୫୦ କୋଟି ଟଙ୍କା ଋଣ ଉଠାଇ କମ୍ପାନୀ ପରିଚାଳନାରେ ନ ଲଗାଇ ସେଥିରୁ ୧୦୦ କୋଟି ଟଙ୍କା ପୁରୁଣା କମ୍ପାନୀର ମୁଖ୍ୟ ଗୌତମ୍ ଥାପରଙ୍କୁ ଦେଇଛି। ନଭେମ୍ବର ୨୦୨୧ରେ କମ୍ପାନୀ ଚାଲାଇବା ପାଇଁ ଅନୁମତି ପତ୍ର ଏବଂ ଜମିଜମା ରେକର୍ଡ ନୂଆ କମ୍ପାନୀ ମଦର ଆର୍ଥ୍ ନାମରେ ବଦଳାଯାଇଛି। ତେବେ କମ୍ପାନୀର କାରବାର ସମ୍ପର୍କରେ ଶ୍ରମିକ ଏବଂ ସଂଘଗୁଡିକୁ ଅନ୍ଧାରରେ ରଖାଯାଇଛି। ଅବସରପ୍ରାପ୍ତ ଶ୍ରମିକମାନେ ସେମାନଙ୍କ ପ୍ରୋଭିଡେଣ୍ଟ୍ ଫଣ୍ଡ୍ ଟଙ୍କା ଏବଂ ପେନସନ୍ ପାଇପାରୁ ନାହାନ୍ତି। କମ୍ପାନୀ ଚଲେଇବା ପାଇଁ ଅବସରପ୍ରାପ୍ତ ଶ୍ରମିକମାନେ ସହଯୋଗ କରି କାମକୁ ଯାଉଛନ୍ତି। ସେମାନଙ୍କୁ କମ୍ପାନୀ କମ୍ ଦରମା ଦେଉଛି। ଯେଉଁମାନେ ନିଯୁକ୍ତିରୁ ବଞ୍ଚିତ ରହିଛନ୍ତି ସେମାନଙ୍କ ବକେୟା ପାଉଣାରୁ ମାସିକ ୨୦ ହଜାର ଟଙ୍କା ଦେବା ଏବଂ ମୃତ ଶ୍ରମିକଙ୍କ ପରିବାରର ସଦସ୍ୟଙ୍କୁ ସମସ୍ତ ପାଉଣା ଏକକାଳିନ ଦେବାକୁ ଅବସରପ୍ରାପ୍ତ ଶ୍ରମିକମାନେ ଦାବି କରିଛନ୍ତି। ପିଏଫ୍ ଏବଂ ପେନସନ୍ ଶୀଘ୍ର ବ୍ୟବସ୍ଥିତ କରା ନ ଗଲେ ସାମୂହିକ ଭାବରେ ଅବସରପ୍ରାପ୍ତ ଶ୍ରମିକମାନେ ଆନ୍ଦୋଳନ କରିବାକୁ ବାଧ୍ୟ ହେବେ। ଅବସରପ୍ରାପ୍ତ ଶ୍ରମିକଙ୍କ ପାଇଁ ଶ୍ରମିକ ନେତା ପ୍ରମୋଦ ମହାନ୍ତିଙ୍କ ନେତୃତ୍ୱରେ ପ୍ରଭାକର ପ୍ରହରାଜ, ପ୍ରକାଶ ଚୌଧୁରୀ , ପି ପ୍ରଭାକର ପ୍ରମୁଖ ଲେଖି ଜଣାଇବା ସହ ଶ୍ରମ ବିଭାଗର ହସ୍ତକ୍ଷେପ ଲୋଡିଛନ୍ତି।

## ଲାମ୍ପସ ଅଧକ୍ଷାଙ୍କ ବିରୋଧରେ ଅଭିଯୋଗ ଆଣିଲେ ସଦସ୍ୟାସଦସ୍ୟ

ମାଥିଲି, ୬।୯(ଡି.ଏନ.ଏ.)

ମାଲକାନଗିରି ଜିଲା ମାଥିଲି ଲାମ୍ପସ ପରିଚାଳନା ଏବଂ ଅନିୟମିତତାକୁ ନେଇ ପରିଚାଳନା ବୋର୍ଡର ସଦସ୍ୟମାନେ ଜୟପୁର ସମବାୟ ବିଭାଗର ଉପ ନିବନ୍ଧକଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ପତ୍ରରେ ଉଲ୍ଲେଖ ରହିଛି ଯେ, ଚଳିତବର୍ଷ ସମବାୟ ସମିତି ନିର୍ବାଚନରେ ସଭାପତି ଭାବେ ନିର୍ବାଚିତ ହୋଇଥିବା ମୁନିବତୀ ବୁଡବାଡେ ଲାମ୍ପସ ପରିଚାଳନାରେ ଅନିୟମିତତା କରୁଛନ୍ତି। ତାଙ୍କ ପ୍ରଥମ ବୈଠକରେ ବୋର୍ଡ ସଦସ୍ୟଙ୍କୁ ଅଣଦେଖା କରିବା, ପରବର୍ତ୍ତୀ ସମୟରେ ବୋର୍ଡ ବୈଠକ ନ କରିବା, ସଦସ୍ୟମାନଙ୍କ ଅଜାଣତରେ ଲାମ୍ପସ ଅର୍ଥ ବିନିଯୋଗ କରିବା, କେତେଜଣ କର୍ମଚାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, ମନଇଚ୍ଛା କର୍ମଚାରୀଙ୍କୁ ଅବସ୍ଥାପିତ କରିବା ଭଳି କାର୍ଯ୍ୟ କରୁଛନ୍ତି। ଏତଦ୍‌ବ୍ୟତୀତ ଲାମ୍ପସରେ କାର୍ଯ୍ୟରତ କର୍ମଚାରୀ ସତ୍ୟନାରାୟଣ ସ୍ୱାଇଁଙ୍କ ନାମରେ ମିଥ୍ୟା ଅଭିଯୋଗ ଆଣି ତାଙ୍କୁ କାର୍ଯ୍ୟରୁ ବ୍ୟାହତ କରି ନୂତନ କର୍ମଚାରୀଙ୍କୁ ନିଯୁକ୍ତି ଦେଇ ଅର୍ଥ ଆଦାୟ କରିବାକୁ ଯୋଜନା କରୁଥିବା ସଦସ୍ୟମାନେ ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି। ଲାମ୍ପସ ଅଧକ୍ଷାଙ୍କ ସ୍ୱାମୀ ତଥା ପରିଷଦ ସଦସ୍ୟ ଉଦୟନାଥ ମାଦ୍ରି, ମାଥିଲି ଲାମ୍ପସ ଏମ୍‌ଡି ପ୍ରଶାନ୍ତ କୁମାର ନାୟକ, କେସିସି ବ୍ୟାଙ୍କ ପରିଚାଳନା ଅଧିକାରୀ ବିଦ୍ୟାଧର ପ୍ରଧାନ ମିଳିତ ଭାବେ ଯୋଜନା କରି ସ୍ୱାଇଁଙ୍କ ବିରୋଧରେ ମିଥ୍ୟା ଅଭିଯୋଗ ଆଣି ବିନା ତଦନ୍ତରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମସୁଧା ଚଳାଇଛନ୍ତି। କୌଣସି ବୈଠକ ନ କରି ଡିଇଓ ଭାବେ କାର୍ଯ୍ୟରତ ଥିବା ପରିଚାଳନା କମିଟିର ସଦସ୍ୟ ଜୀବନ ସାହୁ ଓ ତାଙ୍କ ସ୍ତ୍ରୀ ସନ୍ତୋଷୀ ସାହୁଙ୍କୁ କ୍ୟାଶିୟର ଭାବେ ଅବସ୍ଥାପିତ କରାଯାଇଛି। କୌଣସି କାଗଜପତ୍ରରେ ଲାମ୍ପସ ସଭାପତି ଦସ୍ତଖତ ନ କରି ତାଙ୍କ ସ୍ୱାମୀ ଓ ପୁଅ ଦସ୍ତଖତ କରିବା ଦେଖିବାକୁ ମିଳୁଛି। ଏହାର ତଦନ୍ତକରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସଦସ୍ୟ ହଳଧର କପେ, ଡମ୍ବୁ ନାୟକ, ସମ୍ବାରୁ ନାୟକଙ୍କ ସହ ଅନ୍ୟମାମାନେ ଦାବି କରିଛନ୍ତି।

## ଜାତୀୟ ପୋଷଣ ସପ୍ତାହରେ ସଚେତନତା ସଭା

ଚିତ୍ରକୋଣ୍ଡା,୬।୯(ଡି.ଏନ.ଏ.)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ପଞ୍ଚାୟତ ସମିତି ଅନ୍ତର୍ଗତ ଟନେଲକ୍ୟାମ୍ପ ସ୍ୱାସ୍ଥ୍ୟ ଏବଂ ଆରୋଗ୍ୟ କେନ୍ଦ୍ର ଆନୁକୂଲ୍ୟରେ ଅଙ୍ଗନୱାଡି କେନ୍ଦ୍ରଠାରେ ଜାତୀୟ ପୋଷଣ ସପ୍ତାହ ଅବସରରେ ,କ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଶୁଭସ୍ମିତା ବେହେରାଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଅଙ୍ଗନୱାଡି କର୍ମୀ ସଂଯୁକ୍ତା ସାମଲ, ଏମବିକେ ଅମଲା ମାଝୀ ସହଯୋଗ କରିଥିଲେ। ସଚେତନତା ସଭାରେ ପୁଷ୍ଟିକର ଖାଦ୍ୟ କଞ୍ଚା ଏବଂ ରନ୍ଧା ତିଆରି ଖାଦ୍ୟ ପଦାର୍ଥର ପ୍ରଦର୍ଶନୀ କରାଯାଇଥିଲା। ଟନେଲକ୍ୟାମ୍ପ ଅଙ୍ଗନୱାଡି କେନ୍ଦ୍ରଠାରୁ ଶୋଭାଯାତ୍ର କରି ସଚେତନତା ସୃଷ୍ଟି କରାଯାଇଥିଲା । ଜଣେ ମହିଳା, ଗର୍ଭବତୀ, କିଶୋରୀ ବାଳିକାଙ୍କ ପାଇଁ ମାଣ୍ଡିଆ ତିଆରି ଖାଦ୍ୟର ଆବଶ୍ୟକତା ଅନେକ ପରିମାଣରେ ରହିଛି। ମାଣ୍ଡିଆରେ ବହୁଳ ମାତ୍ରରେ ଆଇରନ ରହ ଏହା ଶରୀରକୁ ପୁଷ୍ଟି ଯୋଗାଉଛି ବୋଲି ଅବଗତ କରାଯାଇଥିଲା। ନିଜ ହାତା ପାହାନ୍ତାରେ ନିଜ ଘର ଚାରି ପାଖରେ କମ ଜାଗାରେ ବିଭିନ୍ନ ପନିପରିବା ବାଇଗଣ, ଅମୃତଭଣ୍ଡା,କଖାରୁ କଲରା, ସଜନା ଶାଗ,ସଜନା ଛୁଇଁ,ଫଳ ଇତ୍ୟାଦି କରିବାକୁ କୁହାଯାଇଥିଲା।

## ବକେୟା ଦରମା ଦାବି କଲେ ୮ ନର୍ସିଂ ଅଫିସର

କୋରାପୁଟ,୬।୯(ସ୍ୱ.ପ୍ର.)

ମହାମାରୀ କରୋନାର ଦ୍ୱିତୀୟ ଲହରୀରେ କାର୍ଯ୍ୟ କରି ଗୋଟିଏ ମାସର ଦରମା ପାଇ ନ ଥିବା ଅଭିଯୋଗ କରି ୮ଜଣ ନର୍ସିଂ ଅଫିସର ମଙ୍ଗଳବାର କୋରାପୁଟ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। କୋରାପୁଟଠାରେ ଆୟୋଜିତ ଜିଲା ପ୍ରଶାସନର ଅଭିଯୋଗ ଶୁଣାଣିରେ ଏହି ଅଧିକାରୀମାନେ ସେମାନଙ୍କ ବକେୟା ଗୋଟିଏ ମାସର ଦରମା ପ୍ରଦାନ କରିବାକୁ ଜିଲାପାଳ ଅବଦାଲ ଏମ. ଅଖତାରଙ୍କୁ ନିବେଦନ କରିଛନ୍ତି। ସେମାନେ ଏବେ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସପିଟାଲରେ ନର୍ସିଂ ଅଫିସର ଭାବେ କାର୍ଯ୍ୟ କରୁଥିବା ନର୍ସିଂ ଅଫିସର ଅର୍ଚ୍ଚନା ସାହୁ କହିଛନ୍ତି।

## ଆଶ୍ରମ ବିଦ୍ୟାଳୟରେ ଅବ୍ୟବସ୍ଥା ନେଇ ଭୁଜନ ସମାଜ ପାର୍ଟି ପକ୍ଷରୁ ଶୋଭାଯାତ୍ରା



ବହୁଜନ ସମାଜଜନ ସମାଜପାର୍ଟି ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

ମାଲକାନଗିରି,୬।୯ (ସ୍ୱ.ପ୍ର.)

ମାଲକାନଗିରି ଜିଲାର ବିଭିନ୍ନ ଆଶ୍ରମ ବିଦ୍ୟାଳୟଗୁଡିକରେ ଅବ୍ୟବସ୍ଥା ଲାଗି ରହିଛି। ଏଥିଯୋଗୁ ଅନେକ ସମୟରେ ନୀରିହ ଛାତ୍ରୀଛାତ୍ରମାନେ ମୃତ୍ୟୁର ଶିକାର ହେଉଛନ୍ତି। ଏହାର ପ୍ରତିବାଦରେ କ୍ଷତିପୂରଣ ଦାବି କରି ମାଲକାନଗିରି ଜିଲା ବହୁଜନ ସମାଜ ପାର୍ଟି ପକ୍ଷରୁ ମଙ୍ଗଳବାର ସ୍ଥାନୀୟ ବସଷ୍ଟାଣ୍ଡଠାରୁ ଦଳର ସଭାପତି ଜରା ଶବର ମାଡ଼ିଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ବିଏସ୍‌ପି କର୍ମୀ ମାନେ ବିଭିନ୍ନ ଦାବ ନେଇ ହାତରେ ପ୍ଲାକାର୍ଡ ଧରି ଶୋଭାଯାତ୍ରାରେ ସାମିଲ ହୋଇ ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲେ। ଏହି ଅବସରରେ ସେମାନେ ୫ ଦଫା ସମ୍ବଳିତ ଏକ ଦାବିପତ୍ର ଜିଲାପାଳଙ୍କ ଜରିଆରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଥିଲେ। ଦାବିଗୁଡିକ ମଧ୍ୟରେ କୋଲାଗଣ୍ଡା ଆଶ୍ରମ ବିଦ୍ୟାଳୟରେ ଅବ୍ୟବସ୍ଥା ଓ ଅବହେଳା ପାଇଁ ଦୁଇ ଜଣ ନିରୀହ ଆଦିବାସୀ ଛାତ୍ରଙ୍କ ମୃତ୍ୟୁ ଘଟିଛି। ସେହିପରି ପାଣ୍ଡ୍ରିପାଣି, ନନ୍ଦିନୀଗୁଡା ଆଶ୍ରମ ବିଦ୍ୟାଳୟରେ ମୃତ୍ୟୁ ଘଟିଥିବା ଛାତ୍ରଙ୍କ ପରିବାରକୁ କ୍ଷତିପୂରଣ ବାବଦକୁ ୨୦ ଲକ୍ଷ ଲେଖାଏ ଟଙ୍କା ଦେବାକୁ ଉଲ୍ଲେଖ ରହିଛି। ଗରିବ ଆଦିବାସୀମାନେ ସ୍ୱାସ୍ଥ୍ୟ, ଶିକ୍ଷା, ଯୋଗାଯୋଗ ଏବଂ ପାନୀୟ ଜଳ ପରି ମୌଳିକ ଅଧିକାରରୁ ବଞ୍ଚିତ ହୋଇଆସୁଛନ୍ତି। ଏଥିପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ଗ୍ରହଣ କରିବା ଏବଂ ଜିଲା ମୁଖ୍ୟାଳୟରେ ବିଏଡି କଲେଜ ଏବଂ ମେଡିକାଲ କଲେଜ ଖୋଲିବାକୁ ଦାବିପତ୍ରରେ କୁହାଯାଇଛି।

## ବିକ୍ଷୋଭ ପ୍ରଦର୍ଶନ କଲା ଆଦିବାସୀ ଜାଗରଣ ସଂଘ



ଉପ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିବା ଆଦିବାସୀ ଜାଗରଣ ସଂଘର କର୍ମକର୍ତ୍ତାମାନେ ।

ଜୟପୁର, ୬।୯ (ନି.ପ୍ର.)

**ପଦ୍ମଶ୍ରୀ କମଳା ପୂଜାରୀଙ୍କୁ ନଚେଇବା ପ୍ରସଙ୍ଗ**

ପଦ୍ମଶ୍ରୀ କମଳା ପୂଜାରୀ ଏସ୍‌ସିବି ମେଡିକାଲରେ ଚିକିତ୍ସାଧୀନ ଥିବା ସମୟରେ ତାଙ୍କୁ ଜଣେ ମହିଳା ସାମାଜିକ କର୍ମୀ ନଚାଇବା ଘଟଣାକୁ ସବୁ ସ୍ତରରେ ବିରୋଧ ବଢ଼ିବାରେ ଲାଗିଛି। ପ୍ରତ୍ୟହ ବିଭିନ୍ନ ଆଦିବାସୀ ସଙ୍ଗଠନ ଏହାର ତଦନ୍ତ ଦାବି କରି ପ୍ରଶାସନର ଦ୍ୱାରସ୍ଥ ହେଉଛନ୍ତି। ପରଜା, ଭୂମିଆ, ସିପିଆଇ ପରେ ମଙ୍ଗଳବାର ଆଦିବାସୀ ଜାଗରଣ ସଂଘ ପକ୍ଷରୁ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଜୟପୁର ଉପଜିଲାପାଳ ବେଦବର ପ୍ରଧାନଙ୍କ ଜରିଆରେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ପଦ୍ମଶ୍ରୀ କମଳା ପୂଜାରୀ ଭାରତ ବର୍ଷର ସମ୍ପତ୍ତି। କୋରାପୁଟ ଜିଲାର ସମଗ୍ର ଆଦିବାସୀ ଏବଂ ସମସ୍ତ କୋରାପୁଟିଆଙ୍କ ଆଦର୍ଶ। ତାଙ୍କ ଶାରୀରିକ ଅସୁସ୍ଥତା ସମୟରେ ଏସ୍‌ସିବିରେ ଜଣେ ମହିଳା ସାମାଜିକ କର୍ମୀ ପହଞ୍ଚି ତାଙ୍କ ସରଳତାର ସୁଯୋଗ ନେଇ ଯେପରି ବ୍ୟବହାର ପ୍ରଦର୍ଶନ କଲେ ଏବଂ କମଳାଙ୍କ ଅନିଚ୍ଛା ସତ୍ତ୍ୱେ ତାଙ୍କୁ ନାଚିବାକୁ ବାଧ୍ୟକଲେ ତାହାକୁ ଆଦିବାସୀ ଜାଗରଣ ସଂଘ ବିରୋଧକରି ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସଂଘ ସଭାପତି ସତ୍ୟନାରାୟଣ ନାୟକ, ସମ୍ପାଦକ ଧନପତି ନାୟକ, ଜଗବନ୍ଧୁ ମାଝି ପ୍ରମୁଖ ଦାବି କରିଛନ୍ତି।

## ୧୫ ହଜାରରୁ ଊର୍ଦ୍ଧ୍ୱ ଟଙ୍କାରେ ଗଣେଶଙ୍କ ଲଡୁ ନିଲାମ

ପଟ୍ଟାଙ୍ଗୀ,୬।୯(ଡି.ଏନ.ଏ)



କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକ ସଦର ମହକୁମାରେ ଚଳିତବର୍ଷ କୌଣସି ଆଖିଦୃଶିଆ ସ୍ଥାନରେ ଗଣେଶପୂଜା ହୋଇ ନ ଥିବା ବେଳେ ଗ୍ରାମାଞ୍ଚଳରେ ଧୁମଧାମରେ ଗଣେଶ ପୂଜାର୍ଚ୍ଚନା ହୋଇଛି। ଗେଟ୍‌ସାହି ଗଣେଶ ପୂଜାମଣ୍ଡପରେ ୩୧ରୁ ଆରମ୍ଭ ହୋଇଥିବା ଗଣେଶପୂଜାରେ ୧୨ ଦିନ ଧରି ପ୍ରଭୁ ଗଜାନନ ପୂଜା ପାଇବେ। ୧୧ରେ ଗଣେଶଙ୍କ ବିସର୍ଜନ କାର୍ଯ୍ୟକ୍ରମ ରହିଛି। ଏହି କାର୍ଯ୍ୟକ୍ରମ ପୂର୍ବରୁ ଗେଟ୍‌ସାହି ପୂଜା କମିଟି ଗଣେଶଙ୍କ ନିକଟରେ ପୂଜା ପାଇଥିବା ୧୧ କେଜି ବିଶିଷ୍ଟ ବୁନ୍ଦି ଲଡୁକୁ ସୋମବାର ନିଲାମ କରିଛି। ଲଡୁର ପ୍ରଥମ ନିଲାମ ଡାକରା ୨୦୫୫ ଟଙ୍କାରେ ଗାଙ୍ଗେଶ୍ୱରୀ ହାର୍ଡୱାରର ବ୍ୟବସାୟୀ କିଶୋର ଚୌଧୁରୀ ଡାକିଥିଲେ। ନିଲାମରେ କାର୍ଯ୍ୟକ୍ରମରେ ୧୦ ଜଣ ବ୍ୟକ୍ତି ଅଂଶଗ୍ରହଣ କରି ନିଲାମ ଡାକିଥିଲେ। ଶେଷରେ ଏନ୍. ଲୋକେଶ୍ୱର ରାଓ ୧୫ ହଜାର ୫୫୫ ଟଙ୍କାରେ ଉକ୍ତ ଲଡୁ ନିଲାମ ନେଇଥିଲେ।

## ଗଞ୍ଜେଇ ଚୋରାଚାଲାଣ ମାମଲାରେ ୪ ଗିରଫ

ଜୟପୁର, ୬।୯ (ନି.ପ୍ର.)

ଗଞ୍ଜେଇ ଚୋରାଚାଲାଣ ହେଉଥିବା ଖବର ପାଇ ଜୟପୁର ସଦର ଥାନା ପୋଲିସ ଚଢ଼ାଉକରି ୪ ଜଣଙ୍କୁ ଗିରଫ କରିଛି । ସେମାନେ ହେଲେ ବିହାରର ଆନନ୍ଦ କୁମାର (୨୨) ଓ ଅମିତ କୁମାର ସିଂ (୨୫), ଜୟପୁର ଇରିଗେସନ କଲୋନୀ ଅରବିନ୍ଦନଗର ଅଞ୍ଚଳର ବଳଦେବ ହନ୍ତାଳ (୨୨) ଓ ରବି ଗୌଡ଼ (୩୪) । ବାଲିଆ ବ୍ରିଜ୍ ନିକଟରେ ୪ ଅଭିଯୁକ୍ତ ଗଞ୍ଜେଇ ଆଣି ନେଣଦେଣ କରୁଥିବା ସୂଚନା ପାଇ ପୋଲିସ ଚଢ଼ାଉ କରିଥିଲା। ସେମାନଙ୍କଠାରୁ ୪୩ କେଜି ଗଞ୍ଜେଇ ଓ ବାଇକ ଜବତ ହୋଇଛି। ଗିରଫ ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ ଈଶ୍ୱର ତାଣ୍ଡି କହିଛନ୍ତି।


ଗିରଫ ୪ ଅଭିଯୁକ୍ତ।

## ସମୀକ୍ଷା କଲେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ

ପଟ୍ଟାଙ୍ଗୀ,୬।୯(ଡି.ଏନ.ଏ.)

**ନୂତନ ଉପଜିଲାପାଳଙ୍କ କୋଟିଆ ପଞ୍ଚାୟତ ଗସ୍ତ**

କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକ ଅନ୍ତର୍ଗତ ତଥା ପଡୋଶୀ ଆନ୍ଧ୍ର ସୀମା କୁ ଲାଗି ରହିଥିବା କୋଟିଆ ପଞ୍ଚାୟତକୁ ମଙ୍ଗଳବାର ଉପଜିଲ୍ଲାପାଳ ଭକ୍ତବନ୍ଧୁ ଜନାର୍ଦ୍ଦନ ଦଳେଇ ଅଚାନକ ଗସ୍ତ କରି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଉପଜିଲାପାଳ ରୂପେ ଦାୟିତ୍ୱ ଗ୍ରହଣ କରିବା ପରେ ଏହା ଥିଲା ତାଙ୍କର ପ୍ରଥମ କୋଟିଆ ଗସ୍ତ। ବିଭିନ୍ନ କାର୍ଯ୍ୟ ତଦାରଖ ଓ ସମୀକ୍ଷା ବେଳେ ମନ୍ଥର ଗତିରେ ଚାଲୁଥିବା କିଛି କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ସେ ଉପସ୍ଥିତ ଗୋଷ୍ଠୀ ବିଡିଓ ସୌମ୍ୟ ସାର୍ଥକ ମିଶ୍ର ଏବଂ ଏପିଓ ସୈମନ୍ଦ୍ର ନାୟକଙ୍କୁ ପରାମର୍ଶ ଦେଇଥିଲେ। ଉପଜିଲାପାଳ ଦଳେଇ ଏହି ସମୟରେ କୋଟିଆ ପଞ୍ଚାୟତର କୁରୁଡିପଦର, ମାଡାକାର, ଉପର ପନିକି, ତଳଗଞ୍ଜେଇ ପଦର, ତଳ ପନିକି ଗ୍ରାମ ଗସ୍ତ କରି ଗ୍ରାମବାସୀଙ୍କ ସହ ମଧ୍ୟ ଆଲୋଚନା କରିଥିଲେ। ସେ କୋରାପୁଟ ଫେରିବା ସମୟରେ ତଳଗଞ୍ଜେଇ ପଦର ଗ୍ରାମ ନିକଟରେ ଥିବା ସ୍ୱତନ୍ତ୍ର ଆଦର୍ଶ ବିଦ୍ୟାଳୟ ପରିଦର୍ଶନ କରି ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସହ ଆଲୋଚନା କରିଥିଲେ। ଏହି ସମୟରେ ବିଦ୍ୟାଳୟରେ ହଷ୍ଟେଲ ସୁବିଧା ନ ଥିବାରୁ ଦୂରଦୂରାନ୍ତରୁ ଆସୁଥିବା ଛାତ୍ରୀଛାତ୍ରଙ୍କ ପାଠପଢ଼ାରେ ସମସ୍ୟା ହେଉଥିବା କେତେ ଜଣ ଛାତ୍ରୀଛାତ୍ର ଉପଜିଲାପାଳ ଦଳେଇଙ୍କୁ ଜଣାଇଥିଲେ। ସୂଚନାଯୋଗ୍ୟ, ପୂର୍ବତନ ଉପଜିଲାପାଳ ଲଳିତ କଅଁରଙ୍କ ଅନ୍ୟ ଜିଲ୍ଲାକୁ ବଦଳି ହେବା ପରେ ନୂତନ ଉପଜଲାପାଳ ଭାବେ ଦଳେଇ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ମଧ୍ୟ କୋଟିଆ ପଞ୍ଚାୟତର ନୋଡ଼ାଲ ଅଧିକାରୀ ଦାଇତ୍ୱରେ ରହିଛନ୍ତି।



କୋଟିଆ ପଞ୍ଚାୟତରେ ବୁଲି ଦେଖୁଛନ୍ତି ଉପଜିଲାପାଳ ।